# ୪ ଘଣ୍ଟା ବନ୍ଦ ରହିଲା ପାଟଣମଙ୍ଗଳାଙ୍କ ନୀତିକାନ୍ତି

- ବୁଡ଼ ପକାଇବାରେ ବାଧା ନେଇ ପାଟୁଆଙ୍କ ପ୍ରତିବାଦ
- ପୋଖରୀ ଖୋଲାରେ ଘଟିଛି ଅହେତୁକ ବିଳମ୍ବ


ପାଟୁଆମାନେ ପୋଖରୀରେ ଅଳ୍ପ ପାଣିରେ ବୁଡ଼ ପକାଉଛନ୍ତି।

ତିହିଡ଼ି,୧୪।୪(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତର ଛତ୍ରପଦା ଗ୍ରାମସ୍ଥିତ ଐତିହ୍ୟସମ୍ପନ୍ନ ମା' ପାଟଣମଙ୍ଗଳାଙ୍କ ପୋଖରୀ ଦଳ ଓ ଘାସରେ ପରିପୂର୍ଣ୍ଣ। ପୋଖରୀ ଖୋଳାଯିବାକୁ ପାଣି ଶୁଖା ଯାଇଥିବାରୁ ପୋଖରୀରେ ଅଳ୍ପ ପାଣି ରହିଛି। ଫଳରେ ପାଟୁଆମାନେ ବୁଡ଼ ପକାଇବା ନେଇ ସମସ୍ୟା ଉପୁଜିଥିଲା। ଏଭଳି ଅବ୍ୟବସ୍ଥାକୁ ନେଇ ମାନସିକଧାରୀ ପାଟୁଆଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ପଣା ସଂକ୍ରାନ୍ତି ଅବସରରେ ମା'ଙ୍କ ପୀଠରେ ଉତ୍ସବ ଚାଲିଥିବା ବେଳେ ପାଟୁଆମାନଙ୍କ ବୁଡ଼ ପକାଇବାରେ ବାଧା ଉପୁଜିବାରୁ ସେମାନେ ଏହାର ପ୍ରତିବାଦ କରିଥିଲେ। ବୁଡ଼ ପକାଇବା ପରେ ସେମାନେ ମନ୍ଦିର ବେଢ଼ାରେ ବସି ରହିବାରୁ ମା'ଙ୍କ ନୀତିକାନ୍ତି ୪ ଘଣ୍ଟା ବନ୍ଦ ରହିଥିଲା। ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା, ସରପଞ୍ଚ ଦୀପ୍ତିମୟୀ ନାୟକ ଓ ମନ୍ଦିର କମିଟି କର୍ମକର୍ତ୍ତା ପାଟୁଆମାନଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

ପଣା ସଂକ୍ରାନ୍ତି ଉପଲକ୍ଷେ ପ୍ରତିବର୍ଷ ଏହି ପୀଠରେ ସହସ୍ରାଧିକ ପାଟୁଆ ବୁଡ଼ ପକାଉଥିବା ବେଳେ ପୋଖରୀ ଖୋଳାଯିବାରେ ଅହେତୁକ ବିଳମ୍ବ ଘଟିଥିବାରୁ ଏପ୍ରକାର ପରିସ୍ଥିତି ଉପୁଜିଥିଲା। ପୀଠରେ ମାନସିକଧାରୀ ପାଟୁଆମାନେ ସୋମବାର ସନ୍ଧ୍ୟାରେ ମା'ଙ୍କ ଦର୍ଶନ କରିବା ସହ ମନ୍ଦିର ବେଢ଼ାରେ ଦୀପ ଜାଳି ରାତିରେ ଉଜାଗର ରହିଥିଲେ। ପୀଠରେ ୭ଦିନ ଧରି ଏହି ଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ବିଭିନ୍ନ ଅଞ୍ଚଳର ବ୍ୟବସାୟୀମାନେ ମଧ ଦୋକାନ ଖୋଲିଛନ୍ତି। ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ମନ୍ଦିର କମିଟି କର୍ମକର୍ତ୍ତାଙ୍କଠାରୁ ସୂଚନା ମିଳିଛି। ସେହିପରି ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଈଶ୍ୱରପୁରସ୍ଥିତ ମା' ଦପାନାୟକାଣୀଙ୍କ ପୀଠରେ ପାଟୁଆ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଟପଡା ପଞ୍ଚାୟତ ପାଟଣାସାହି ଗ୍ରାମରେ କ୍ଷେତ୍ରପାଳ ମଙ୍ଗଳାଙ୍କ ପୂଜାର୍ଚ୍ଚନା କରାଯାଇଛି। ୧୫ ବର୍ଷ ପୂର୍ବେ ଏକ ବରୁଣ ଗଛ ମୂଳେ ମା'ଙ୍କର ଆବିର୍ଭାବ ହୋଇଥିଲା। ସେବେଠାରୁ ପ୍ରତି ମଙ୍ଗଳବାର ମା'ଙ୍କ ନିକଟରେ ଅନ୍ନ ଭୋଗ ଲଗାଯାଇ ପୂଜା କରାଯାଉଥିବା ବେଳେ ପଣା ସଂକ୍ରାନ୍ତିରେ ଉତ୍ସବ ଅନୁଷ୍ଠିତ ହୋଇଥାଏ। ସେହିପରି କୋହ୍ଲ ଗ୍ରାମସ୍ଥିତ ମା' ସାହାଡ଼ାଶୁଣୀଙ୍କ ପୀଠରେ ପାଟୁଆ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏକ ସାହାଡ଼ା ଗଛରୁ ଆବିର୍ଭୂତା ହୋଇଥିବା ମା'ଙ୍କୁ ପ୍ରତି ଗୁରୁବାର ପୂଜା କରାଯାଇଥାଏ। ମା'ଙ୍କ ଗାଧୁଆ ପାଣିରେ ବିଭିନ୍ନ ରୋଗରୁ ମୁକ୍ତି ମିଳୁଥିବା ବିଶ୍ୱାସ ଥିବାରୁ ମା'ଙ୍କର ବେଶ୍ ପ୍ରସିଦ୍ଧି ରହିଛି। ପଣା ସଂକ୍ରାନ୍ତି ଦିନ ୨ଟି ଖମ୍ବରେ ବନ୍ଧା ହୋଇଥିବା କାଠରେ ତଳମୁହାଁ ଝୁଲି ପାଟୁଆମାନେ ଝୁଣା ଖାଇବା ଦୃଶ୍ୟ ହୃଦୟସ୍ପର୍ଶୀ ହୋଇଥିଲା। ସେହିପରି କାଁପଡ଼ାସ୍ଥିତ ମା' ବାସୁଳୀ, ନୟାନନ୍ଦସ୍ଥିତ କଣ୍ଟି ମଙ୍ଗଳା, ମଙ୍ଗଳପୁରସ୍ଥିତ ମଙ୍ଗଳାଙ୍କ ପୀଠରେ ପାଟୁଆ ଯାତ୍ରା ଅନୁଷ୍ଠିତ ହୋଇଥିଲା।

# ମା' ଗଡ଼ଚଣ୍ଡୀଙ୍କ ପୀଠରେ ବିଷୁବ ମେଳା


ପୀଠରେ ଶ୍ରଦ୍ଧାଳୁମାନେ ଭୋଗ ଲଗାଉଛନ୍ତି।

ବନ୍ତ,୧୪।୪(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ଟିଲୋସ୍ଥିତ ମା' ଗଡ଼ଚଣ୍ଡୀଙ୍କ ପୀଠରେ ମଙ୍ଗଳବାର ମହାବିଷୁବ ମେଳା ଅନୁଷ୍ଠିତ ହୋଇଯାଇଛି। ସକାଳଠାରୁ ପୀଠରେ ଭୋଗ ଲଗାଇବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଯଥାରୀତି ପୂଜାର୍ଚ୍ଚନା ସହ ସୂର୍ଯ୍ୟପୂଜା, ଚଣ୍ଡୀପାଠ ଏବଂ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଭାଣ୍ଡ ସମର୍ପଣ କରାଯାଇଥିଲା। କର୍ତ୍ତା ଭାବେ ସୁବାସ ଚନ୍ଦ୍ର ବିଶ୍ୱାଳ ଓ ଅନୁପମା ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ। ଶ୍ରଦ୍ଧାଳୁମାନଙ୍କ ପାଇଁ କମିଟି ପକ୍ଷରୁ ପଣା ଓ ଚରୁ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ମାନସିକ ପୂରଣ ପାଇଁ ପ୍ରତିଦ୍ୱନ୍ଦ୍ୱତାପୂର୍ଣ୍ଣ ପାଟୁଆ ନାଚ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆସନ୍ତା ୨୫ରୁ ୩ଦିନ ଧରି ଯାତ୍ରା ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି। ମଧୁପୁର, କରଞ୍ଜପଡା, ବଉଳସାହି, ଭାରତୀମଠ ଆଦି ଗ୍ରାମବାସୀଙ୍କ ସହଯୋଗରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ନିରଞ୍ଜନ ସାମଲ, ଉପସଭାପତି ସୁବାସ ଚନ୍ଦ୍ର ସ୍ୱାଇଁ, ସମ୍ପାଦକ ଶକ୍ତିଧର ରାଉତ, ରମାକାନ୍ତ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଉମାଶଙ୍କର ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଓ ୪ ଗ୍ରାମର ଲୋକେ ସହଯୋଗ କରିଥିଲେ।

# ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ପ୍ରତିଷ୍ଠା ଉତ୍ସବ

ଧାମନଗର,୧୪।୪ (ଦେବେନ୍ଦ୍ର ଆଢ଼ିଆ)

ପଣା ସଂକ୍ରାନ୍ତି ତଥା ଓଡ଼ିଆ ନୂଆବର୍ଷ ଅବସରରେ ମଙ୍ଗଳବାର ଧାମନଗରସ୍ଥିତ ଅବଦୁଲ କଲାମ ସଭାଗୃହରେ ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ୩ୟ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ତଥା ବରିଷ୍ଠ ଆଇନଜୀବୀ ଦେବାଶିଷ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ ଦାଶ ଯୋଗଦେଇ କହିଥିଲେ, ପୂଜ୍ୟପୂଜା କେବଳ ଏକ ପରମ୍ପରା ନୁହେଁ, ଏହା ଆମ ସଂସ୍କୃତିର ମୂଳଦୁଆ। ଶୃଙ୍ଖଳିତ ସମାଜ ଗଠନ ପାଇଁ ସାଂସ୍କୃତିକ ପରିଷଦର ଏହି ପ୍ରୟାସ ପ୍ରଶଂସନୀୟ। ମୁଖ୍ୟବକ୍ତା ଭାବେ ଗୁରୁ ସୁବାସ ମଲିକ ଓଡ଼ିଆ ଅସ୍ମିତା ଓ ସଂସ୍କୃତି ଉପରେ ଗୁରୁତ୍ୱ ଦେଇ ଓଡ଼ିଆ ନୂଆବର୍ଷ ଓ ପଣା ସଂକ୍ରାନ୍ତି ଆମର ପରିଚୟ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପୁହାଣ, ବରିଷ୍ଠ ଖବରଦାତା ବାସୁଦେବ ତ୍ରିପାଠୀ, ବରିଷ୍ଠ ନାଗରିକ ପରିଷଦର ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ସଭାପତି ଅନିଲ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଖବରଦାତା ମନୋଜ କୁମାର ଦାସ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର ପରିଷଦର ଲକ୍ଷ୍ୟ ଓ ଅଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସୁଧାକର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଶାନ୍ତ ରାଉତ ଓ ସେକ ଜାଫର ଅଲି ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସାହିତ୍ୟିକ ଓ ଖବରଦାତା ରସାନନ୍ଦ ମହାପାତ୍ର, ମନୋଜ ଜେନା, ମନୋଜ କୁମାର ସିଂହ, ଅଭିମନ୍ୟୁ ମଲିକ, ଚିତ୍ତରଞ୍ଜନ ଦାଶ, ମହେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍ଡି ଜିଲାନି, କୈଳାସ ଗୁପ୍ତା, ଶ୍ରୀକାନ୍ତ ସାହୁ, ଦେବାଶିଷ ରଥ, ପ୍ରମୋଦ ସ୍ୱାଇଁ, ସଞ୍ଜୀବ ମହାନ୍ତି, ସରୋଜ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ। କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।



ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# 'ଆମ୍ବେଡ୍କରଙ୍କ ସଂଗ୍ରାମ ଚିରଦିନ ପାଇଁ ଅଭୁଲା ରହିବ'


ଆମ୍ବେଡ୍କରଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି।

ଭଦ୍ରକ,୧୪।୪(ରବିନାରାୟଣ ଖିଲାର)

ଭଦ୍ରକ ଜିଲ୍ଲା ପ୍ରଶାସନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବି.ଆର୍. ଆମ୍ବେଡ୍କରଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ମଙ୍ଗଳବାର ଜିଲ୍ଲା ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍ପି ଅଭିମନ୍ୟୁ ସେଠୀ ଯୋଗଦେଇ ଆଦର୍ଶ, ତ୍ୟାଗ ଓ ଶ୍ରେଣୀବିହୀନ ସମାଜ ଗଠନ ପାଇଁ ଆମ୍ବେଡ୍କରଙ୍କ ସଂଗ୍ରାମ ଚିରଦିନ ପାଇଁ ଅଭୁଲା ରହିବ। ସମାଜରୁ ଭେଦଭାବ ଓ ଅସ୍ପୃଶ୍ୟତା ଦୂର କରିବାରେ ତାଙ୍କର ଅବଦାନ ମହାନ୍। ଜିଲ୍ଲାପାଳ ଦିଲୀପ ରାଉତରାଏ ସଭାପତିତ୍ୱ କରି କହିଥିଲେ, ଆମ୍ବେଡ୍କର ଜଣେ ମହାନ୍ ଚିନ୍ତାନାୟକ, ରାଷ୍ଟ୍ରନାୟକ ଓ ପ୍ରଜ୍ଞାର ପ୍ରତୀକ ଭାବେ ଅଭିହିତ। ଆମ୍ବେଡ୍କରଙ୍କ ଉଚ୍ଚ ଆଦର୍ଶ ଓ ମାନବୀୟ ମୂଲ୍ୟବୋଧର ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କର ମାନସିକତା ରହିବା ଉଚିତ। ସହରାଞ୍ଚଳ ହେଉ କି ଗ୍ରାମାଞ୍ଚଳ, ପ୍ରତ୍ୟେକ ନାଗରିକ ନିଜର ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଚେତନ ହେବା ଆବଶ୍ୟକ।

ମୁଖବକ୍ତା ଭାବେ ଦଳିତ ମହାସଂଘର ସଭାପତି ରାଜେନ୍ଦ୍ର ପ୍ରସାଦ ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ, ତ୍ୟାଗଭୂମିର ସଭାପତି ଅଜୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟାଳୟର କର୍ମଚାରୀ ମୀନାକ୍ଷୀ ଗରାବଡ୍ଡୁ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ସାହାସପୁରରେ ଝାମୁଯାତ୍ରା, ପାଟୁଆଯାତ୍ରା


ପୀଠରେ ପୂଜା ପାଉଛନ୍ତି ମା' ବୁଢ଼ୀ କାଳନ୍ଦୀ।

ଅସୁରାଳି,୧୪।୪(ସନ୍ତୋଷ ସାହୁ)

ଧାମନଗର ବ୍ଲକ ଅଧୀନ ସାହାସପୁର ପଞ୍ଚାୟତରେ ଐତିହାସିକ ପାଟୁଆ ଯାତ୍ରା ଓ ବହୁ ପୁରାତନ ଝାମୁ ଯାତ୍ରା ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବିଷୁବ ସଂକ୍ରାନ୍ତିର ୨ ଦିନ ପୂର୍ବରୁ ଚାଲିଥିବା ବେଳେ ମଙ୍ଗଳବାର ଶେଷ ହୋଇଛି। ରବିବାର ମା' ବୁଢ଼ୀ କାଳନ୍ଦୀ ଘଟ ଗ୍ରାମ ପରିକ୍ରମା କରିଥିଲା। ଦେହୁରୀ ଧନେଶ୍ୱର ସାଏନ୍ତ ଘଟ ପୂଜାର୍ଚ୍ଚନା କରିଥିଲେ। ୩ ଦିନ ଧରି ଘଟ ପୂଜା କରାଯାଇଥିବା ବେଳେ ଏହି ୩ଦିନ ଲୋକଙ୍କର ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମାନସିକ ପୂରଣ ହେଉଥିବା ପିଲାମାନେ ପାଟୁଆ ହୋଇଥାନ୍ତି। ସଂକ୍ରାନ୍ତି ଦିନ ଖଜୁରି ଗଛ ଉପରେ ଚଢ଼ି ନାଚିବା ଓ ନିଆଁରେ ଚାଲିବାର ବିଧି ରହିଛି। ଲୋକକଥା ଅନୁଯାୟୀ ପୂର୍ବରୁ ଜମିଦାରମାନେ ଗ୍ରାମର କଲ୍ୟାଣ ଓ ବିଶ୍ୱର ଶାନ୍ତି ନିମନ୍ତେ ଏହି ପର୍ବ ଆରମ୍ଭ କରିଥିଲେ। ସମସ୍ୟାରେ ଛନ୍ଦି ହେଉଥିବା ଲୋକେ ମା' ବୁଢ଼ୀ କାଳନ୍ଦୀଙ୍କ ନିକଟରେ ଗୁଆ ପଇସା ମୁଦା ବସାଇଥାନ୍ତି। ଏ ଯାତ୍ରାକୁ ମା' ବୁଢ଼ୀ କାଳନ୍ଦୀ ଝାମୁ ଯାତ୍ରା ବୋଲି କହନ୍ତି। ସାହାସପୁର ଗ୍ରାମର ପୂଜା କମିଟି ସଭାପତି ଅମର କୁମାର ମାଝୀ, ସମ୍ପାଦକ କାମଦେବ ସାଏ, କୋଷାଧ୍ୟକ୍ଷ କାଳନ୍ଦୀ ନାଏକ ପ୍ରମୁଖ ପରିଚାଳନା କରିଥିଲେ।

# ଲୋକକବି ଜଗନ୍ନାଥ ପାଣିଙ୍କ ଜୟନ୍ତୀ


ଲୋକକବିଙ୍କ ଜୟନ୍ତୀ ସମାରୋହରେ ନାଟ୍ୟକାର ନିରଞ୍ଜନ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନଳାଙ୍ଗ,୧୪।୪ (ସାଇ ଶଙ୍କର ମହାକୁଳ)

ଲୋକକବି ଜଗନ୍ନାଥ ପାଣି ବହୁ ଓଡ଼ିଆ କାବ୍ୟ ଓ ଗୀତିନାଟ୍ୟ ରଚନା କରି ଓଡ଼ିଆ ସାରସ୍ୱତ ଜଗତର ମଣି ଭାବେ ପରିଚିତ ହୋଇଛନ୍ତି। ତାଙ୍କ ରଚନାବଳୀ ଆଜି ମଧ ଜନମାନସରେ ସତେଜ ରହିଛି ବୋଲି ଲୋକକବି ଜଗନ୍ନାଥ ପାଣି ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ୧୯୧ତମ ଜୟନ୍ତୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ଭଦ୍ରକ ବ୍ଲକର ନଳାଙ୍ଗଠାରେ ନାଟ୍ୟକାର ଅଟଳ ବିହାରୀ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଏବଂ ମୁଖ୍ୟବକ୍ତା ଭାବେ ନାଟ୍ୟକାର ବାଦଲ ସିକଦାର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅଧ୍ୟାପକ ନୀହାର ରଞ୍ଜନ କର, ନାଟ୍ୟକାର ରାମନାରାୟଣ ତ୍ରିପାଠୀ, ଜିଲ୍ଲା ଲୋକକଳା ସଙ୍ଗଠନର ଉପସଭାପତି ତ୍ରିଲୋଚନ ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ମନମୋହନ ସଙ୍ଗୀତ ପରିଷଦର ଅଧ୍ୟକ୍ଷ କେଶବ ଚନ୍ଦ୍ର ଜେନା, ଅଧ୍ୟାପକ ଶିବ ଚରଣ ଖାମୁରାଇ, ଗୌରାଙ୍ଗ ଚନ୍ଦ୍ର ବାରିକ, କବି ସଂଯୁକ୍ତା ବଳ, ବିଭୂତି ଭୂଷଣ ପାଣି, ସନ୍ତୋଷ କୁମାର ପାଣି, ଯାତ୍ରା ଅଭିନେତ୍ରୀ ଅନୁପମା ଦାସ ପ୍ରମୁଖ ଯୋଗ ଦେଇଥିଲେ। କବି ସ୍ୱର୍ଗତ ପାଣିଙ୍କ ଛନ୍ଦକୁ ନେଇ ଗୀତିନାଟ୍ୟ ରଚନା କରିଥିବା ନାଟ୍ୟକାର ନିରଞ୍ଜନ ସ୍ୱାଇଁଙ୍କ ପୁସ୍ତକ 'ଲୋକକବି ଜଗନ୍ନାଥ ପାଣିଙ୍କ ଗୀତିନାଟ୍ୟ' ଉନ୍ମୋଚନ କରାଯିବା ସହ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଗୀରଥ ନାୟକ, ବିକ୍ରମ କୁଅଁର, ବିଜୟ କୁମାର ପାଣି, ଅଶୋକ କୁମାର ପାଣି, ପୀତାମ୍ବର ମଲ୍ଲିକ, ସନ୍ତୋଷ ଭୋଇପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାଳନ୍ଦୀ ମଲ୍ଲିକ ଅତିଥି ପରିଚୟପ୍ରଦାନକରିଥିବାବେଳେନାଟ୍ୟକାର ନିର୍ମଳ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ସ୍ୱର୍ଣ୍ଣମୟୀଙ୍କ ପୀଠରେ ବାର୍ଷିକୋତ୍ସବ

ବନ୍ତ,୧୪।୪(ହରିନାରାୟଣ ମହାନ୍ତି)

ମହାବିଷୁବ ସଂକ୍ରାନ୍ତିଅବସରରେ ମଙ୍ଗଳବାର ବନ୍ତ ବ୍ଲକ ଭଣ୍ଡାରଗଡିଆ ଗ୍ରାମରେ ମା' ସ୍ୱର୍ଣ୍ଣମୟୀ ଦେବୀଙ୍କ ପୀଠରେ ବାର୍ଷିକୋତ୍ସବ ଆରମ୍ଭ ହୋଇଛି। ନିଳୋକ ମହାଦେବ ପୁଷ୍କରିଣୀରୁ କଳସ ଅଣାଯାଇ ଘଟ ସ୍ଥାପନା ପୂର୍ବକ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ରଘୁନାଥ ନାୟକ, କୃଷ୍ଣଚନ୍ଦ୍ର ଲେଙ୍କା, ପର୍ଶୁରାମ ନାୟକ, ଅଭିମନ୍ୟୁ ରାଉତ, ଧ୍ରୁବ ଚରଣ ଲେଙ୍କା, ସଂଗ୍ରାମ କେଶରୀ ଲେଙ୍କା, ବଟକୃଷ୍ଣ ରାଉତ, କୃପାସିନ୍ଧୁ ମହାନ୍ତି, ପ୍ରଦୀପ ଜେନା, ଯତିନ୍ଦ୍ର ମହାନ୍ତି, କୌଶଲ୍ୟା ନାୟକ, ପ୍ରିୟଙ୍କା ସ୍ୱାଇଁ ପ୍ରମୁଖ କଳସ ଆଣିଥିଲେ। ଏହି ପୂଜା ଉତ୍ସବ ୩ ଧରି ଚାଲିବାକୁ ଥିବା ବେଳେ ଆସନ୍ତା ୧୯ ତାରିଖରୁ ୩ ଦିନ ଧରି ପାଲା ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି।

# ସାପ କାମୁଡ଼ାରେ ମହିଳା ମୃତ

ତିହିଡ଼ି,୧୪।୪(ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ମୁକୁନ୍ଦପୁର ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମରେ ମଙ୍ଗଳବାର ସକାଳେ ଫୁଲ ତୋଳୁଥିବା ବେଳେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଗ୍ରାମର ମାଳତୀ କୁଣ୍ଡ(୫୫)। ସେ ଫୁଲ ତୋଳୁଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ବିଷୁବ ମିଳନ

ଧାମନଗର,୧୪।୪ (ସନ୍ତୋଷ କୁମାର ମହାପାତ୍ର/ ଦୀନକୃଷ୍ଣ ମହାପାତ୍ର/ ଦେବେନ୍ଦ୍ର ଆଢ଼ିଆ)

ଧାମନଗର ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ଆମ୍ବେଡ୍କରଙ୍କ ଜୟନ୍ତୀ ଓ ବନ୍ଧୁମିଳନ ସମାରୋହ ମଙ୍ଗଳବାର ପରିଷଦର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅନିଲ ବାରିକ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ପୂର୍ବତନ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ସାମଲ, ନିରାକାର ଧଳ, ମହେଶ୍ୱର ସ୍ୱାଇଁ, ଦଶରଥ ଦାସ, ହୃଦାନନ୍ଦ କର, ଅଭିମନ୍ୟୁ ମଲ୍ଲିକ, ଉପସଭାପତି ସୁରଥ ସେଠୀ, ବରିଷ୍ଠ ସଭ୍ୟ ବିଦ୍ୟାଧର ରାଉତ, କାର୍ଯ୍ୟାଳୟ ସମ୍ପାଦକ ଧନଞ୍ଜୟ ଦାସ, ଭୋଳାନାଥ ସାହୁ, ବିଶ୍ୱନାଥ ବେହେରା, ଲମ୍ବୋଦର ମହାନ୍ତି ପ୍ରମୁଖ ଯୋଗଦେଇ ଚିନ୍ତା ଓ ଚେତନା ଜଗତରେ ପରିବ୍ୟାପ୍ତ ହେଲେ ଆଜିର ଦିବସର ମୂଲ୍ୟବୋଧ ସଫଳ ହେବ ବୋଲି କହିଥିଲେ। ଏହି ଅବସରରେ ଉପସଭାପତି ଭାବେ ସେକ ଅବଦୁଲ ହାକିମଙ୍କୁ ମନୋନୟନ କରାଯାଇଛି। କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

# ସମ୍ବିଧାନ ପାଇଁ କଂଗ୍ରେସର ଗଣଦୌଡ଼

ଚାନ୍ଦବାଲି, ୧୪।୪ (କିଷାନ ପାତ୍ର)

ସମ୍ବିଧାନ ପ୍ରଣେତା ଡ. ବି.ଆର୍. ଆମ୍ବେଡ୍କରଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର ଚାନ୍ଦବାଲି ବ୍ଲକ କଂଗ୍ରେସ ପକ୍ଷରୁ ସମ୍ବିଧାନ ପାଇଁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ସମ୍ବିଧାନର ସୁରକ୍ଷା ଓ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ଏହି ଗଣଦୌଡ଼ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ସୁବାଶିଷ ମଲ୍ଲିକଙ୍କ ନେତୃତ୍ୱରେ କର୍ମୀ ଓ ସମର୍ଥକମାନେ ଏଥିରେ ସାମିଲ ହୋଇଥିଲେ। କାଳୀ ମନ୍ଦିରରୁ ଗଣଦୌଡ଼ ଆରମ୍ଭ ହୋଇ ଚାନ୍ଦବାଲି ବଜାର ପରିକ୍ରମା କରିଥିଲା। କର୍ମୀମାନେ ସମ୍ବିଧାନର ସୁରକ୍ଷା ଓ ଲୋକତନ୍ତ୍ରର ମୂଲ୍ୟବୋଧ ରକ୍ଷା ପାଇଁ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ବରିଷ୍ଠ ନେତା ନିର୍ମଳ ରାଉତ, ବୃନ୍ଦାବନ ମହାଳିକ, ବଦ୍ରୀନାଥ ନାୟକ, ଦିଗମ୍ବର ସାହୁ, ଶରତ ଧଳ, ସଂଗ୍ରାମ ଦାସ, ସୀତାଂଶୁ ନାୟକ ପ୍ରମୁଖ ଗଣଦୌଡ଼ରେ ସାମିଲ ଥିଲେ।


ଗଣଦୌଡ଼ରେ ସାମିଲ ହୋଇଥିବା କଂଗ୍ରେସ ନେତା ଓ କର୍ମୀ।

# ରାଜ୍ୟସ୍ତରୀୟ ବିଷୁବ ମିଳନ

ବାସୁଦେବପୁର,୧୪।୪(କାଳିପଦ ରାୟ)

ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରାଞ୍ଚଳ ଅଟଳ ବିହାରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅବସର ସାହିତ୍ୟ ପତ୍ରିକା ପକ୍ଷରୁ ୨୧ତମ ରାଜ୍ୟସ୍ତରୀୟ ବିଷୁବ ମିଳନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରଫେସର ଡ. ନଟବର ଶତପଥୀ, ମୁଖ୍ୟବକ୍ତା ପ୍ରାକ୍ତନ ଓଡ଼ିଆ ସାହିତ୍ୟ ଏକାଡେମୀ ସଦସ୍ୟ ଡ. କାଳିପଦ ପଣ୍ଡା, ଅନ୍ୟତମ ଅତିଥି ଭାବେ ଅଟଳ ବିହାରୀ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ରାଜେନ୍ଦ୍ର ବେହେରା, ସାହିତ୍ୟିକ ଡ. ଅଭୟ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଡ. ବିଶ୍ୱରଞ୍ଜନ ଦାସ ସଭାପତିତ୍ୱ କରିଥିବା ବେଳେ ରଙ୍ଗରାଗର ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତି ମଞ୍ଚ ଆମନ୍ତ୍ରଣ କରିଥିଲେ। ଅପରାହ୍ନରେ ସାହିତ୍ୟିକ ସୂର୍ଯ୍ୟମଣି ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ବିଷୁବ କବିତା ଆସରରେ ଅତିଥି ଭାବେ ଶିକ୍ଷାବିତ୍ ଡ. ସ୍ନିଗ୍ଧା ମହାନ୍ତି, ରତ୍ନାକର ବାରିକ, ଗୟାଧର ଦାସ, ଶାନ୍ତିଲତା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଅଞ୍ଚଳର କବିମାନେ କବିତା ପାଠ କରିଥିଲେ। ପାର୍ଥସାରଥୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଖଣ୍ଡଳମଣି ପୀଠରେ ଗୋପାଳଙ୍କ ଜଳଲାଗି

ଧୁସୁରୀ,୧୪।୪(ଦୀପ୍ତି ରଞ୍ଜନ ନାୟକ)

ମହାବିଷୁବ ସଂକ୍ରାନ୍ତିରେ ମଙ୍ଗଳବାର ଆରଡ଼ି ଆଖଣ୍ଡଳମଣି ପୀଠରେ ସ୍ଥାନୀୟ ଅଞ୍ଚଳର ଗାପାଳମାନେ ବାବାଙ୍କ ମସ୍ତକରେ ଜଳଲାଗି ସେବା କରିଛନ୍ତି। ପ୍ରାତଃ ୫ଟାରେ ମନ୍ଦିରରେ ପହଡ଼ ଖୋଲାଯାଇ ମଙ୍ଗଳ ଆଳତି କରାଯାଇଥିଲା। ବାବାଙ୍କର ଷୋଡ଼ଶ ଉପଚାର ପୂଜା ପରେ ପାଣି ଭାର ନେଇ ଲମ୍ବା ଲାଇନରେ ପ୍ରତୀକ୍ଷାରତ ଗୋପାଳମାନେ ଜଣକ ପରେ ଜଣେ ମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ଏହାପରେ ସେମାନେ ୨ଟି ପିତ୍ତଳ ଗରାରେ ନିକଟରେ ବୈତରଣୀ ନଦୀରୁ ଆଣିଥିବା ଜଳକୁ ସେବାୟତ ବାବାଙ୍କ ମସ୍ତକରେ ଢାଳିଥିଲେ। ସଂକ୍ରାନ୍ତିରେ ପ୍ରାୟ ୧ ହଜାରରୁ ଅଧିକ ଗୋପାଳ ଜଳଲାଗି କରିଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥାନୀୟ ମୁଆଁ, ସିଙ୍ଗିପୁର, ବାଡୋଳ, ନାନ୍ଦପୁର, ବାଙ୍କମୁହାଁ, କୁଳେଇପଦା, ଓଳଗ, ଷାଠିବାଙ୍କୁଡା, ବୋଡକ, ଅମୃତମଣୋହୀ, ଦୋହରାପାଟଣା, ସୁନ୍ଦରପୁର ଆଦି ଗାଁର ଗୋପାଳମାନେ ଜଳଲାଗି ସେବା କରିଛନ୍ତି। ସଂକ୍ରାନ୍ତି ବ୍ୟତୀତ ବୈଶାଖ ମାସର ପ୍ରତ୍ୟେକ ସୋମବାର ମଧ ଗୋପାଳମାନେ ଜଳଲାଗି କରିବେ ବୋଲି ଜଣାଯାଇଛି। ଏଥିସହ ସଂକ୍ରାନ୍ତିଠାରୁ ବାବାଙ୍କର ଶୀତଳ ଉପଚାର ନୀତି ଆରମ୍ଭ ହୋଇଛି। ବୈଶାଖ ମାସ ସାରା ଏହା ଚାଲୁ ରହିବ। ଶୀତଳ ଉପଚାର ନୀତି ଅନୁସାରେ ବାବାଙ୍କ ମସ୍ତକ ଉପରିଭାଗରେ ଏକ ପିତ୍ତଳ ଝରିରେ ସୁବାସିତ ଜଳ ପୂର୍ଣ୍ଣ କରି ରଖାଯାଇଥାଏ। ଝରିର ତଳଭାଗରେ ଏକ ଛିଦ୍ର ଦ୍ୱାରା ବାବାଙ୍କ ମସ୍ତକରେ ଦିନତମାମ ଜଳବିନ୍ଦୁ ପଡ଼ିଥାଏ। ଏଥିସହ ମଙ୍ଗଳ ଆଳତି ପରେ ବାବାଙ୍କୁ ବେଲ, କଦଳୀ, ଛେନା, ଦହି, ଗୁଡ଼, ନାରିକେଳ ମିଶ୍ରିତ ପଣା ଭୋଗ ଅର୍ପଣ କରାଯାଇଥିଲା। ପରେ ଏହି ପଣାଭୋଗ ଶ୍ରଦ୍ଧାଳୁମାନଙ୍କୁ ପ୍ରଦାନ କରାଯାଇଥିଲା। ବାବାଙ୍କର ଏହି ପଣା ଭୋଗ ସେବନ କଲେ ଚର୍ମରୋଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ଆରଡ଼ି ଓ ଏହା ଆଖପାଖ ପହଣା, କୁଳେଇପଦା, ଦୋହରାପାଟଣା, ସୁନ୍ଦରପୁର, ବେତାଳିଗାଁ, ଷାଠିବାଙ୍କୁଡା, ବୋଡ଼କ ଆଦି ସ୍ଥାନରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜଳଛତ୍ର ସେବା ସହ ଦହି ସର୍ବତ ଲୋକଙ୍କୁ ଯୋଗାଇ ଦିଆଯାଇଥିଲା।


ମନ୍ଦିରରେ ଜଳଲାଗି ପାଇଁ ଗୋପାଳମାନେ ଧାଡ଼ିରେ ଯାଉଛନ୍ତି।

**ସଂକ୍ଷେପରେ**

## ଢେଙ୍କିକୋଟରେ ମହାବିଷୁବ ସଂକ୍ରାନ୍ତି ପାଳିତ

ଢେଙ୍କିକୋଟ,୧୪।୪(ନୀଳମଣି ମଣ୍ଡଳ)– ଢେଙ୍କିକୋଟସ୍ଥିତ ମା'ତାରିଣୀ କ୍ଲବ୍ ତରଫରୁ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ଅଟୋ କ୍ଲବ୍ ତରଫରୁ ବଜାରସ୍ଥିତ ସତ୍ୟନାରାୟଣ ପାଲା ମଣ୍ଡପଠାରେ ସତ୍ୟନାରାୟଣଙ୍କ ପୂଜକ ବେଣୁଧର ଦାସଙ୍କ ଦ୍ୱାରା ପୂଜା କରାଯାଇଥିଲା। ଅପରାହ୍ନ ୪ ଟାରେ ସତ୍ୟନାରାୟଣ ପାଲା, ସନ୍ଧ୍ୟା ୭ ଟାରେ ଖାରବେଡା ଗ୍ରାମର ମହିଳା ସଂକୀର୍ତ୍ତନ ମଣ୍ଡଳୀ ଓ ଫୁଲଝର ମହିଳା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। କ୍ଲବ୍‌ର ପୂର୍ଣ୍ଣଚନ୍ଦ୍ର ମଣ୍ଡଳ, ସୁଶାନ୍ତ ମଣ୍ଡଳ, ସାର୍ଥକ ଗିରି, ବିଜୟ ମଣ୍ଡଳ, ପଞ୍ଚାନନ ମଣ୍ଡଳ, ପଦ୍ମନ ମଲ୍ଲିକ, ଆଶିଷ ମଣ୍ଡଳ, ଶିବାନନ୍ଦ ମଣ୍ଡଳ, ଦେବାନନ୍ଦ ମଣ୍ଡଳ, ପ୍ରଭାକର ନାୟକ, ବିନୋଦ ମଣ୍ଡଳ, ମାଷ୍ଟର ଗୁଲ୍ଲୁ, ରବିନ୍ଦ୍ର ମଣ୍ଡଳ, ମାଷ୍ଟର ସପନ ମହାନ୍ତ, ବିରଞ୍ଚି ମଣ୍ଡଳ ଓ ପପୁ ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ।

# ପୁରୁଣାଦିନ କଥା ମନେପକାଇ ଭାବବିହ୍ୱଳ ହେଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୧୪।୪ (ନରେଶ ଚନ୍ଦ୍ର ପଟ୍ଟନାୟକ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସନ୍ଧ୍ୟାରେ ଝୁମ୍ପୁରା ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ଅବସରରେ ପୁରୁଣା ଦିନର କଥା ମନେପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ। କେବଳ ଜଣେ ପୁରାତନ ଛାତ୍ର ଭାବେ ନୁହେଁ ବରଂ ଏ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଆଜି ମୋ ସ୍କୁଲ ପାଇଁ ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ନିଜ ଗୁରୁମାନଙ୍କୁ ପାଖରେ ଦେଖି ମୁଖ୍ୟମନ୍ତ୍ରୀ ପାଦ ଛୁଇଁ ପ୍ରଣାମ କରିବା ସହ ସମସ୍ତ ଶିକ୍ଷକ ଏବଂ ସହପାଠୀମାନଙ୍କୁ ସମ୍ମାନିତ କରିଥିଲେ। ଛାତ୍ର ଜୀବନରେ ଝୁମ୍ପୁରା ହାଇସ୍କୁଲରେ ବିତାଇଥିବା ସମୟ ବିଷୟରେ ମୁଖ୍ୟମନ୍ତ୍ରୀ କହିବା ସହ ନିଜର ସମସ୍ତ ଗୁରୁଙ୍କ ନିକଟରେ ସେ ଋଣୀ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ



ହୀରକ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଗୁରୁଙ୍କୁ ପ୍ରଣାମ କରୁଛନ୍ତି।

ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ପାଇଁ ୨୦ କୋଟି ଟଙ୍କାର ଅର୍ଥରାଶି ଘୋଷଣା କରିଛନ୍ତି। ଏହି ଅନୁଦାନରେ ୫୦୦ ସିଟର ଅଡିଟୋରିୟମ୍, ବହୁ ମହଲା ବିଶିଷ୍ଟ ବିଲ୍ଡିଂ, ଇନ୍‌ଡୋର ଗେମ୍ ଫାସିଲିଟି, ସ୍କୁଲ ପାଚେରି, ସାଇକେଲ ଷ୍ଟାଣ୍ଡ ସହ ବିଭିନ୍ନ ଆବଶ୍ୟକ ସୁବିଧା କରାଯିବ। ଅପରପକ୍ଷେ ଖୁବ୍‌ଶୀଘ୍ର କାନପୁର ବନ୍ଧରୁ ଝୁମ୍ପୁରାର

**ଝୁମ୍ପୁରା ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ**
**ସ୍କୁଲର ଉନ୍ନତୀକରଣ ପାଇଁ ୨୦ କୋଟି**

ସମସ୍ତ ଚାଷ ଜମିକୁ ଜଳସେଚନ ହେବ। ରାଇକଳା ପଞ୍ଚାୟତକୁ ଲିଫ୍ଟ ଇରିଗେଶନ ମାଧ୍ୟମରେ ପାଣି ଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଡ. ଫକୀର ମୋହନ ନାଏକ, ମୁଖ୍ୟବକ୍ତା ଚିତ୍ତରଞ୍ଜନ ମିଶ୍ର, ସ୍ୱତନ୍ତ୍ର ଉନ୍ନୟନ କମିଟିର ଅଧ୍ୟକ୍ଷା ମମିତା ନାଏକ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ହୀରକ ଜୟନ୍ତୀ ସମାରୋହ କମିଟିର ଅଧ୍ୟକ୍ଷ ଦେବବ୍ରତ ବେହେରା, ସଭାପତି ଶ୍ରୀକାନ୍ତ ନାଏକ, ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ବୁରୁମୁଙ୍ଗା ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ


ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ପାଟଣା,୧୪।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ବୁରୁମୁଙ୍ଗାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୦ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ଯୋଗଦେଇ ପାଠପଢ଼ା ସହ ସଦାଚାର ଓ ସଂସ୍କାର ଛାତ୍ରୀଛାତ୍ରଙ୍କ ଭୂଷଣ ହେବା ଦରକାର ବୋଲି କହିଥଲେ। ମୁଖ୍ୟବକ୍ତା ଭାବେ ବିଭାଗ ସେବା ପ୍ରମୁଖ ତଥା ପ୍ରାନ୍ତ ପ୍ରଶିକ୍ଷଣ ପ୍ରମୁଖ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଦସ୍ୟ ଖଗେଶ୍ୱର ମହାନ୍ତ ଯୋଗ ଦେଇଥିଲେ। ସହ ସମ୍ପାଦକ ରମେଶ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ନବମ ଶ୍ରେଣୀ ଛାତ୍ରୀ ରିତୁପର୍ଣ୍ଣା ରିତୁ ମହାକୁଡ଼ ଓ ଟିକିରାଣୀ ମହାନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଆଚାର୍ଯ୍ୟା ଦେବକୀ ମହାନ୍ତ ମଞ୍ଚ ପରିଚଳନା କରିଥିଲେ। ବିଦ୍ୟାଳୟର ଉପ ସଭାପତି ସୁଧାଂଶୁ ଶେଖର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସମସ୍ତ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ମାନପତ୍ର ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନାଟକ ନିଶାନିବାରାଣ ପରିବେଷଣ କରିଥିଲେ।

# ହନୁମାନ ଜୟନ୍ତୀ,ଝଣ୍ଡା ଶୋଭାଯାତ୍ରା

ଢେଙ୍କିକୋଟ,୧୪।୪(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ଦଳେଇ ସାହିସ୍ଥିତ ହନୁମାନ ବାଟିକାଠାରେ ରାମନବମୀ ପୂଜା କମିଟି ଦ୍ୱାରା ମଙ୍ଗଳବାର ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ପୂଜକ ଓମ୍‌ପ୍ରକାଶ ସତପଥୀଙ୍କ ଦ୍ୱାରା ପୂଜାର୍ଚ୍ଚନା ଶୁଭାରମ୍ଭ କରାଯାଇଥିଲା। ପୂର୍ବାହ୍ନ ୧୧ଟା ବେଳେ ହନୁମାନ ବାଟିକାଠାରୁ ୫୦ରୁ ଊର୍ଦ୍ଧ୍ୱ ମଟରସାଇକେଲ ସହ ଏକ ଝଣ୍ଡା ଶୋଭାଯାତ୍ରା ବାହାରିଥିଲା। ଏହି ଝଣ୍ଡା ଶୋଭାଯାତ୍ରା ଢେଙ୍କିକୋଟ ବଜାର ସାହି ବସ୍ତି ପରିକ୍ରମା କରିବା ସହ ନିକଟସ୍ଥ ଗ୍ରାମ ଲଙ୍ଗଳକଣ୍ଟି, ରାଇଣ, ସାନ୍ତରାପୁର, ପଇଦାପାଟଣା, ଖୁଣ୍ଟାପଡ଼ା ନୂଆଗାଁ, ବରବେଡା ପରିକ୍ରମା କରି ହନୁମାନ ବାଟିକାରେ ଅପରାହ୍ନ ୨ଟାରେ ପହଞ୍ଚିଥିଲା। ପରେ ଟିକିରାସ୍ଥିତ ଶ୍ରୀଦୁର୍ଗା ମଣ୍ଡପରୁ ଏକ ଝଣ୍ଡା ଏବଂ ଦେବୀ ଦୁର୍ଗାପୂଜା ମଣ୍ଡପଠାରୁ ଏକ ଝଣ୍ଡା ଶୋଭାଯାତ୍ରା ବାହାରିଥିଲା। ରାମନବମୀ କମିଟିର ସଭାପତି ରାଜକିଶୋର ସାହୁ, ସମ୍ପାଦକ ମକରଧଜ ସାହୁଙ୍କ ଉଦ୍ୟମରେ ଦୀର୍ଘ ବର୍ଷ ହେବ ଏହି ହନୁମାନ ଜୟନ୍ତୀ ପାଳନ ହୋଇଆସୁଛି। କାର୍ଯ୍ୟକ୍ରମରେ ରାମନବମୀ କମିଟିର ୩୦ରୁ ଊର୍ଦ୍ଧ୍ୱ ସକ୍ରିୟ ସଦସ୍ୟ ସହଯୋଗ କରିଥିଲେ।

# ନବବର୍ଷ ପାଳିଲା ଓଡ଼ିଆ ସ୍ୱାଭିମାନ ମଞ୍ଚ

ଯୋଡ଼ା,୧୪।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଉପାନ୍ତ ଅଞ୍ଚଳ ଯୋଡା ରେ ଓଡ଼ିଆ ସ୍ୱାଭିମାନ ମଞ୍ଚ ପକ୍ଷରୁ ଓଡ଼ିଆ ନବ ବର୍ଷ ଓ ବିଷୁବ ସଂକ୍ରାନ୍ତି ପାଳନ କରାଯାଇଛି। ଏହି ଅବସରରେ ସକାଳେ ପୂର୍ବ ଯୋଡ଼ାସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ନିକଟରେ ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ପରେ ଏକ ଶୋଭାଯାତ୍ରା ବାହାରି ଥିଲା। ଏହି ଶୋଭାଯାତ୍ରାରେ ବାଂଶପାଣିର ସଙ୍କୀର୍ତ୍ତନ ଦଳ,ସର୍ଗୀ ତଳିଆ ଅଞ୍ଚଳର ଆଦିବାସୀ ନୃତ୍ୟ, ପାଟଣା ଗୁଣ୍ଡୁରିପୋଷିର ଚାଙ୍ଗୁ ନୃତ୍ୟ,ମୟୂରଭଞ୍ଜର ସାନ୍ତାଳୀ ନୃତ୍ୟ, ସାଲେପୁରର ଘଣ୍ଟୁଆ, ଛଟିଆରୁ ଆସିଥିବା ଲଉଡ଼ି ଖେଳ ପ୍ରଭୃତି ନିଜନିଜର କଳା ପ୍ରଦର୍ଶନ କରିଥିଲେ। ଏକ ବିରାଟ ଶୋଭାଯାତ୍ରା ବାହାରି ଯୋଡା ସହରରେ ଥିବା ଓଡ଼ିଆ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା। ପଶ୍ଚିମ ଯୋଡ଼ାସ୍ଥିତ ଟାଟାଷ୍ଟିଲ ଅଡିଟୋରିୟମ



ଠାରେ ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ପଣା ବଣ୍ଟନ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ଶୋଭାଯାତ୍ରାରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ପଦ୍ମଶ୍ରୀ ଦଇତାରୀ ନାଏକ, ଯୋଡା ପୌର ଅଧ୍ୟକ୍ଷ ଡା.ଜଗଦୀଶ ପ୍ରସାଦ ସାହୁ, ଉପ ନଗରପାଳ ସନ୍ଧ୍ୟା ପାତ୍ର, ଯୋଡ଼ା ପୌର ପରିଷଦର ୨ ନଂ. କାଉନସିଲର ସୌଦାମିନୀ ନାଏକ, ୩ନଂ. କାଉନସିଲର ରଶ୍ମିତା ପାଣିଗ୍ରାହୀ, ୧୩ନଂ. କାଉନସିଲର ଦୀପ୍ତି ରଞ୍ଜନ ବେହେରା, ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର, ଖବରଦାତା ବେଣୁଧର ବେହେରା, ମନୀନ୍ଦ୍ର ସୁନ୍ଦର ବାରିକ, ରମେଶ ମହାପାତ୍ର, ଓଡ଼ିଆ ସ୍ୱାଭିମାନ ମଞ୍ଚର ସଭାପତି ଚର୍ଚିଲ ମହାକୁଡ, ସମ୍ପାଦକ ସୁଶୀଲ ଚନ୍ଦ୍ର ମହାନ୍ତି , ଗୋପାଳ ବେହେରା,କୁଳଦୀପ ପାତ୍ର,ଯଦୁମଣି ପାତ୍ର, କାର୍ତ୍ତିକ ଚନ୍ଦ୍ର ବେହେରା, ମୁନା କାରୁଆ, ରେଣୁକା ବେହେରା, ସାବିତ୍ରୀ ପ୍ରଧାନ, ଉତ୍ତରା ସ୍ୱାଇଁ, ରିନା ବାରିକ ପ୍ରମୁଖଙ୍କ ସମେତ ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ।

# ମା' ବିଶ୍ୱତାରିଣୀଙ୍କ ମନ୍ଦିରରେ ଚଇତି ପର୍ବ

ଛେନାପଦି, ୧୪।୪(ନିରାକାର ପରିଡା): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଛେନାପଦି ଛକସ୍ଥିତ ମା' ବିଶ୍ୱତାରିଣୀଙ୍କ ମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ଅବସରରେ ୫୩ ବାର୍ଷିକ ପ୍ରସିଦ୍ଧ ଚଇତି ପର୍ବ ଅନୁଷ୍ଠିତ ହୋଇଛି। ୪ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପର୍ବରେ ସୋମବାର ରାତିରେ ଶୁଭାଦିବାସ କରାଯାଇଥିଲା। ମଙ୍ଗଳବାର ସକାଳ ୫ଟା ବେଳେ ମା'ଙ୍କ ନିକଟରେ ପହିଲି ଧୂପ, ପହିଲି ଭୋଗ, ମଙ୍ଗଳ ଆଳତୀ କରାଯାଇ ପହଡ଼ ଫିଟିବା ପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ମା' ଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମା' ତାରିଣୀଙ୍କ ନିକଟରେ ହୋମଯଜ୍ଞ, ଚଣ୍ଡୀପାଠ କରାଯାଇଥିଲା। ସଞ୍ଜୟ ପତି, ସୁଧାକର ଓଝା, ମହେଶ୍ୱର ସା, ସଞ୍ଜୟ ସାହୁ, ଶୁକଦେବ ସ୍ୱାଇଁ, ସରୋଜ ଚକ୍ର, ପ୍ରମୋଦ ନାୟକ, ପ୍ରକାଶ ନାୟକ, ଯୀଶୁଖ୍ରୀଷ୍ଟ ସା, ଅଶ୍ରୁମୋଚନ ବିଶ୍ୱାଳ ପ୍ରମୁଖ କର୍ତ୍ତା ଭାବେ ସାମିଲ ହୋଇଥିଲେ। ପଣ୍ଡିତ ବାବୁଲା ଆଚାର୍ଯ୍ୟ, ଲୋକନାଥ ଆଚାର୍ଯ୍ୟଙ୍କ ବେଦମନ୍ତ୍ରରେ ଅଞ୍ଚଳଟି ମୁଖରିତ ହୋଇଉଠିଥିଲା। ମଧ୍ୟାହ୍ନରେ ମା'ଙ୍କ ପାଖରେ ପଣା ଲାଗି କରାଯିବା ପରେ ଓଝା ପରିବାର ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ପଣା ବଣ୍ଟନ କରାଯାଇଥିଲା। କୃଷ୍ଣଚନ୍ଦ୍ର ଜେନା, କିଶୋର ଆଚାର୍ଯ୍ୟ, ପଞ୍ଚାନନ ବେହେରା, ଦେବେନ୍ଦ୍ର କୁମାର ଜେନା, ହିମାଂଶୁ ନାୟକ, ଅଜୟ ଲେଙ୍କା, ସରୋଜ କୁମାର ଚକ୍ର, ହଳଧର ପଣ୍ଡା, ଅମୀୟ ନାୟକ, ସନ୍ନ୍ୟାସୀ ସା, ସତୀଶ ଯାଦବ, ହଳଧର ଜେନା, ଦେବେନ୍ଦ୍ର ସା, ବାବନ ବିଶ୍ୱାଳ, ଚକ୍ରଧର ସାହୁ, ବଳରାମ ସାହୁ, ଆକାଶ ସା, ସୁବାସ ଓଝା, ଧରିଆ ସା, ତପନ ସାହୁ , ଚୈତନ ପୁହାଣ, ଚକ୍ରଧର ସାହୁ, ରବୀନ୍ଦ୍ର ବେହେରା, ହଳଧର ଜେନା, ସୁଧୀର ବିଶ୍ୱାଳ, ରତ୍ନାକର ସାହୁ, ହିମାଂଶୁ ବେହେରା, ବାବନ ସାହୁଙ୍କ ସମେତ ବଜାର କମିଟିର ସଦସ୍ୟମାନେ ପରିଚାଳନା କରିଥିଲେ।


ଛେନାପଦିଠାରେ ପୂଜା ପାଉଥିବା ମା' ବିଶ୍ୱତାରିଣୀ।

# ଚମ୍ପୁଆରେ ପଣାସଂକ୍ରାନ୍ତି ପାଳିତ


ପଣା ବଣ୍ଟନ କରାଯାଉଛି।

ଚମ୍ପୁଆ,୧୪।୪(ମହେଶ୍ୱର ଦାସ): ଚମ୍ପୁଆ ଉପଖଣ୍ଡର ବିଭିନ୍ନ ସ୍ଥାନରେ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ବିଭିନ୍ନ ସଂଗଠନ ଦ୍ୱାରା ପଣା ବଣ୍ଟନ କରାଯାଇଥିବା ବେଳେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ସ୍ଥାନୀୟ ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଉପଜିଲାପାଳ ଉମାକାନ୍ତ ପରିଡ଼ା ସସ୍ତ୍ରୀକ ତୁଳସୀ ଚଉରାଠାରେ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଏସ୍‌ଡିପିଓ ରଶ୍ମୀରଞ୍ଜନ ସାହୁ, ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, ଆଇଆଇସି ଅଶୋକ କୁମାର ନାଏକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବି, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମସ୍ତଙ୍କୁ ପଣା ବିତରଣ କରାଯାଇଥିଲା।

# 'ଦେଶ ପାଇଁ ଆମ୍ବେଦ୍‌କରଙ୍କ ଅବଦାନ ଅତୁଳନୀୟ'

କେନ୍ଦୁଝର, ୧୪।୪ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ସଦର ମହକୁମାରେ ମଙ୍ଗଳବାର ଜିଲା ପ୍ରଶାସନ ଆନୁକୂଲ୍ୟରେ ଭାରତରତ୍ନ ବି. ଆର୍. ଆମ୍ବେଦ୍‌କରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା କାର୍ଯ୍ୟାଳୟର ଦରବାର ହଲ୍‌ରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ ଯୋଗଦେଇ ଦେଶ ପାଇଁ ଆମ୍ବେଦ୍‌କରଙ୍କ ଅବଦାନ ଅତୁଳନୀୟ ବୋଲି କହିଛନ୍ତି। ଆମ୍ବେଦ୍‌କରଙ୍କ ଆଦର୍ଶ, ତ୍ୟାଗ, ଶ୍ରେଣୀବିହୀନ ସମାଜ ଗଠନ, ସମାଜର ଦଳିତ ଅବହେଳିତ ଲୋକଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସଂଗ୍ରାମ ଚିରଦିନ ପାଇଁ ଅଭୁଲା ରହିବ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଦ୍ୟାଧର ବେହେରା ଯୋଗଦେଇ ସୁସ୍ଥ ସମାଜ ଓ


ଆମ୍ବେଦ୍‌କରଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଅଧିକାରୀ।

ସମୃଦ୍ଧ ଦେଶ ଗଠନ ପାଇଁ ଆମ୍ବେଦ୍‌କରଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି, ଅତିରିକ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀ ସୁଧା ଗୋସ୍ୱାମୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାୟକ, ସହକାରୀ ଜିଲାପାଳ ସରୋଜ ମଲ୍ଲିକ ଯୋଗ ଦେଇଥିଲେ। କେନ୍ଦୁଝର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ଏହି ଅବସରରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ଛାତ୍ରୀଛାତ୍ର ଓ ଶିକ୍ଷାବିତ୍ ସମାରୋହରେ ଉପସ୍ଥିତ ଥିଲେ।

# ମାନବାଧିକାର ସଙ୍ଗଠନ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ

ବଞ୍ଜୋ, ୧୪।୪(ପ୍ରଦୋଷ କୁମାର ବିଶ୍ୱାଳ): ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଅନ୍ତର୍ଜାତୀୟ ମାନବାଧିକାର ସଙ୍ଗଠନ, ଆନନ୍ଦପୁର ଶାଖା ପକ୍ଷରୁ ମହତସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସଙ୍ଗଠନ ପକ୍ଷରୁ ୫୩ ନମ୍ବର ରାଜପଥ ପଦ୍ମପୁର ଗେଟ୍‌ଛକ ନିକଟରେ ଏକ ମାଗଣା 'ଜଳଛତ୍ର' କେନ୍ଦ୍ର ଖୋଲାଯାଇଛି। କେନ୍ଦୁଝର ଜିଲା ସଙ୍ଗଠନ ସଭାପତି ମୁନୀନ୍ଦ୍ର ଭୋଳଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଆୟୋଜିତ ହୋଇଥିଲା। ରାଜପଥ ଦେଇଯାଉଥିବା ଯାତ୍ରୀମାନଙ୍କୁ ସଙ୍ଗଠନ ପକ୍ଷରୁ ପାନୀୟଜଳ ଓ ପଣା ପ୍ରଦାନ କରାଯାଇଥିଲା। ସଙ୍ଗଠନର ଆନନ୍ଦପୁର ବ୍ଲକ ସଭାପତି କାଳନ୍ଦୀଚରଣ ସାହୁ ତଦାରଖ କରିଥିଲେ। ସୁଶାନ୍ତ କୁମାର ସାହୁ, ଲକ୍ଷ୍ମଣ ମହାକୁଡ଼, ଶ୍ରୀକାନ୍ତ ମହାକୁଡ଼ ଏବଂ ଲକ୍ଷ୍ମୀଧର ସାହୁ ପ୍ରମୁଖ ଲୋକଙ୍କୁ ଜଳସେବା ଯୋଗାଇ ଦେଇଥିଲେ।

# ରାଜପଥରେ ଯାତ୍ରୀମାନଙ୍କୁ ପଣା ବିତରଣ



କିରିବୁରୁ ଛକଠାରେ ଯାତ୍ରୀମାନଙ୍କୁ ପଣା ବିତରଣ କରାଯାଉଛି।

ବଡ଼ବିଲ,୧୪।୪(ଜୟନ୍ତୀ ରଣା)

ପଣା ସଂକ୍ରାନ୍ତି ଅବସରରେ ବଡ଼ବିଲର ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ସହ ରାଜପଥରେ ଯାତ୍ରୀମାନଙ୍କୁ ପଣା ବିତରଣ କରାଯାଇଛି। ସେରେଣ୍ଡାସ୍ଥିତ ତାରିଣୀ ମନ୍ଦିର, କିରିବୁରୁ ଛକସ୍ଥିତ ତାରିଣୀ ମନ୍ଦିର, ସାଧୁସିଂ ହଟିଂସ୍ଥିତ ତାରିଣୀ ମନ୍ଦିର, ପିଏଚ୍‌ଡି ରୋଡ୍‌ସ୍ଥିତ ତାରିଣୀ ମନ୍ଦିର, ପ୍ରେସ କ୍ଲବ ଛକସ୍ଥିତ ତାରିଣୀ ମନ୍ଦିର, କଳିଙ୍ଗନଗର ତାରିଣୀ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଭକ୍ତମାନଙ୍କର ବେଶ ଭିଡ଼ ପରିଲକ୍ଷିତ ହୋଇଥିଲା। ଅପରାହ୍ନରେ ମନ୍ଦିର କମିଟି ପକ୍ଷରୁ ପଣା ବିତରଣ କରାଯାଇଥିଲା। ଭଦ୍ରାସାହି–ବଡ଼ବିଲ–ନାଲଦା ରାଜ୍ୟ ରାଜପଥର କିରିବୁରୁ ଛକଠାରେ ତାରିଣୀ ମନ୍ଦିର କମିଟି ତରଫରୁ ଯାତ୍ରୀମାନଙ୍କୁ ପଣା ବିତରଣ କରାଯାଇଥିଲା। ସନ୍ଧ୍ୟାରେ ମନ୍ଦିରଗୁଡ଼ିକରେ ଯଜ୍ଞ ପୂର୍ଣ୍ଣାହୂତି ପରେ ପ୍ରସାଦ ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ

ଯୋଡ଼ା,୧୪।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ବିଛାକୁଣ୍ଡି ରାସ୍ତାରେ ଯୋଡ଼ା ପୋଲିସ ଚଢ଼ାଉ କରି ଏକ ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ କରିଛି । ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଥିବାବେଳେ ପୋଲିସ ଖଣି ଚୋରିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ଛାନଭିନ ଆରମ୍ଭ କରିଛି। ଜବତ ଲୁହାପଥରର ଆନୁମାନିକ ମୂଲ୍ୟ ଦୁଇ ଲକ୍ଷରୁ ଅଧିକ ହେବ ବୋଲି ପୋଲିସ ଆକଳନ କରିଛି। ତେବେ ଏ ଦିଗରେ ଖଣି ବିଭାଗ ମୁଖ୍ୟ ଖଣିମାଫିଆଙ୍କ ଟେର୍ ପାଇ ପାରୁନାହିଁ। ବ୍ୟାପକ ପଦକ୍ଷେପ ସତ୍ତ୍ୱେ ଲୁହାଓ୍ପଥର ଚୋରା ଚାଲାଣ ଥମୁନାହିଁ । କାଁଭାଁ ପୋଲିସ ଗୋଟିଏ ଦୁଇଟି ଚୋରା କାରବାରରେ ସମ୍ପୃକ୍ତ ଗାଡ଼ି ଧରିବାରେ ସଫଳ ହେଉଥିବା ନଜରକୁ ଆସୁଛି ମାତ୍ର ଚୋରା କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ଟେର୍ ପାଉ ନ ଥିବା ଯୋଗୁ ଏହି କାରବାର ଏବେ ମଧ୍ୟ ବେଧଡ଼କ ଜାରି ରହିଛି।

## ଶିଶୁ ମନ୍ଦିରର ରଜତ ଜୟନ୍ତୀ ଉଦ୍‌ଘାଟିତ

ଯୋଡ଼ା,୧୪।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡା କୁନ୍ଦୁରୁନାଲା ସାରଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ କାର୍ଯ୍ୟକ୍ରମ ମଙ୍ଗଳବାର୍ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଭାବେ ଯୋଡ଼ା ପୌରପାଳିକା ୩ ନଂ. ୱାର୍ଡ କାଉନସିଲର ରଶ୍ମିତା ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ୧୦ନଂ. ୱାର୍ଡ କାଉନସିଲର ପୂଜା ସିଂ ଆଲଦା, ପରିଚାଳନା ସମିତି ସଭାପତି ଅଜୟ ଗୋପାଳ ଦାସ, କୋଷାଧ୍ୟକ୍ଷ ବସନ୍ତ ବେହେରା, ଯୁଗ୍ମ ସମ୍ପାଦକ ସପ୍ନେଶ୍ୱର ପ୍ରଧାନ ଉପସ୍ଥିତ ଥିଲେ। ସଭା ପୂର୍ବରୁ ଅଭିଭାବକମାନଙ୍କ ଦ୍ୱାରା ଆଜାଦ ବସ୍ତି ଶିବ ମନ୍ଦିର ନିକଟ ସୁନା ନଦୀରୁ ୧୦୮ କଳସ ଯାତ୍ରା ବାହାରି ଶିଶୁ ମନ୍ଦିରରେ ପହଞ୍ଚିଥିଲା। କଳସ ସ୍ଥାପନ ପରେ କୀର୍ତ୍ତନ ଓ ଗାୟତ୍ରୀ ଯଜ୍ଞ କରାଯାଇଥିଲା । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଭିଭାବକମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତେ ସହଯୋଗ କରିବା ପାଇଁ ପ୍ରଧାନଆଚାର୍ଯ୍ୟ ଭଗବାନ ବର୍ଦ୍ଧନ ଅନୁରୋଧ କରିଛନ୍ତି।

# ନ୍ୟାୟ ଅପେକ୍ଷାରେ ଅନାଥ ୨ ଭଉଣୀ

କେନ୍ଦୁଝର,୧୪।୪ (ନରେଶ ଚନ୍ଦ୍ର ପଟ୍ଟନାୟକ): ବେଶ୍ ହସଖୁସିରେ ଚାଲିଥିଲା ପରିବାର। ହେଲେ ଭାଗ୍ୟର ବିଡ଼ମ୍ବନା, ଦୁଇଝିଅଙ୍କୁ ଛାଡ଼ି ମା' ବାପା ଆରପାରିକୁ ଚାଲିଗଲେ। ଫଳରେ ଅନାଥ ହୋଇଗଲେ ୨ ଭଉଣୀ। ଅଜାଆଇଙ୍କ ପାଖରେ ରହୁଥିବା ବେଳେ ବାପାଙ୍କ ସରକାରୀ ଚାକିରି ପାଇବା ଆଶାରେ ବିଭିନ୍ନ ସ୍ତରରେ ଗୁହାରି କଲେ। ଏପରିକି ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ। ତଥାପି ନ୍ୟାୟ ପାଇପାରି ନାହାନ୍ତି କେନ୍ଦୁଝର ସହର ନ୍ୟୁ କଲୋନୀରେ ରହୁଥିବା ଚନ୍ଦ୍ରିକା ନାଏକ(୧୮) ଓ ତାଙ୍କ ସାନ ଭଉଣୀ।

ପ୍ରକାଶ ଯେ, ଚନ୍ଦ୍ରିକାଙ୍କ ବାପା ଭୁବନେଶ୍ୱର ନାଏକ କେନ୍ଦୁଝର ପୁରୁଣା ସହର ବାଳିକା ଉଚ୍ଚ ବିଦ୍ୟାଳୟରେ ଜୁନିୟର କ୍ଲର୍କ ଭାବେ କାମ କରୁଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ୨୦୧୯ରେ ଚନ୍ଦ୍ରିକାଙ୍କ ମା'ଙ୍କର ଦେହାନ୍ତ ପରେ ବାପା ଭୁବନେଶ୍ୱର ଦୁଇ ଝିଅଙ୍କୁ ଧରି ଶିକ୍ଷା ବିଭାଗର ସରକାରୀ କ୍ୱାର୍ଟର୍ସରେ ରହୁଥିଲେ। ୨୦୨୨ ଅଗଷ୍ଟ ୨୩ରେ ଦୁଇ ଝିଅଙ୍କୁ ଛାଡ଼ି ଭୁବନେଶ୍ୱର ମଧ୍ୟ ରୋଗାକ୍ରାନ୍ତ ହୋଇ ଆରପାରିକୁ ଚାଲିଗଲେ। ଦୁଇ ଝିଅ ଅନାଥ ହୋଇ ଅଜା ଆଇଙ୍କ ପାଖରେ ରହି ପାଠ ପଢ଼ିଥିଲେ।


ଚନ୍ଦ୍ରିକା ନାଏକ

ବଡ଼ଝିଅ ଚନ୍ଦ୍ରିକା ଥଇଥାନ ସ୍କିମ୍‌ରେ ବାପାଙ୍କ ଚାକିରି କରିବାକୁ ଆଗ୍ରହ କରିଥିଲେ। ଚାକିରି କଲେ ସାନ ଭଉଣୀର ପାଠପଢ଼ା ସହ ଦେଖାରଖା କରିବେ ବୋଲି ସେ ଆଶା ରଖିଥିଲେ। ୧୯୯୦ ରିହାବିଲିଟେଶନ ରୁଲ୍ ଅନୁସାରେ ସରକାରୀ ଚାକିରିରେ ନିଯୁକ୍ତି ପାଇଁ ଆବେଦନ କରିଥିଲେ। କିନ୍ତୁ ତାଙ୍କୁ ଜିଲା ଶିକ୍ଷା ବିଭାଗ ନିଯୁକ୍ତି ନ ଦେବାରୁ ସେ ବିଭିନ୍ନ ସ୍ତରରେ ଗୁହାରି କରିଥିଲେ। ସୁଫଳ ନ ମିଳିବାରୁ

- **ବାପାଙ୍କ ଚାକିରି ପାଇଁ ଆଶାବାନ୍ଧି ନିରାଶ**
- **କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମିଳୁନି ନିଯୁକ୍ତି**

ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେତେବେଳେ ତାଙ୍କ ବୟସ କମ୍ ଥିବାରୁ ତାଙ୍କ ପାଇଁ ଅଭିଭାବକ ଭାବେ ତାଙ୍କ ଅଜା ହାଇକୋର୍ଟରେ (ରିଟ୍ ପିଟିସନ ନମ୍ବର ୭୦୨ ଅଫ ୨୦୨୬) ଗୁହାରି କରିଥିଲେ। ଏନେଇ ହାଇକୋର୍ଟ ଗତ ଜାନୁଆରୀ ୧୫ରେ ଶୁଣାଣି କରି ୮ ସପ୍ତାହ ମଧ୍ୟରେ ଅନୁକମ୍ପାମୂଳକ ଭାବେ ସରକାରୀ ଚାକିରିରେ ନିଯୁକ୍ତି ଦେବାକୁ ଜିଲା ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଚନ୍ଦ୍ରିକାଙ୍କ ଅଜା ତଥା ରଘୁନାଥ ପଲେଇ କହିଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ କେନ୍ଦୁଝର ଗସ୍ତରେ ଆସିଥିବା ବେଳେ ଭେଟିବାକୁ ଯାଇଥିଲେ ହେଁ ସୁଯୋଗ ପାଇ ନ ଥିଲେ। ଦିବ୍ୟାଙ୍ଗ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଇପାରି ନ ଥିଲେ ବୋଲି ରଘୁନାଥ କହିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଜିଲା ଶିକ୍ଷା ବିଭାଗ ପାଳନ କରୁ ନ ଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗତ ମାର୍ଚ୍ଚ ୧୨ରେ କୋର୍ଟ ଆଦେଶନାମା ସହ ଲିଖିତ ଅଭିଯୋଗ କରିଥିଲେ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଚିଠି ସଂଖ୍ୟା ୧୭୨୦/୧୨।୩।୨୦୨୬ରେ ପଦକ୍ଷେପ ନେବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରାଯାଇଥିଲା। ସେ ନିଜେ ଜଣେ ଦିବ୍ୟାଙ୍ଗ ଓ ଅବସରପ୍ରାପ୍ତ। ଏଭଳି ପରିସ୍ଥିତିରେ ଦୁଇ ନାତୁଣୀଙ୍କ ପାଇଁ ସବୁ ଦପ୍ତର ଧାଇଁ ଧାଇଁ ନିରାଶ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଜିଲାର ହୋଇଥିବାରୁ ନ୍ୟାୟ ମିଳିବ ବୋଲି ଆଶା ରଖିଥିବା ରଘୁନାଥ କହନ୍ତି। ସେହିପରି ଅନ୍ୟ ଏକ ରିଟ୍ ପିଟିସନ ୧୪୪୭୨ ଅଫ ୨୦୨୪ରେ ଜ୍ୱାଇଁଙ୍କ ଦେହାନ୍ତ ପୂର୍ବରୁ ବକେୟା ଥିବା ପ୍ରାୟ ୧୦ ବର୍ଷର ଦରମା ପ୍ରଦାନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଜାନୁଆରୀ ୨୧ରେ ଶୁଣାଣି ହୋଇଥିଲେ ମଧ୍ୟ ବକେୟା ଦରମା ମିଳିନାହିଁ ବୋଲି ରଘୁନାଥ କହିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ ସେହି ସମ୍ପର୍କିତ କାଗଜପତ୍ର ଦେଖି ସେ ଉପଯୁକ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ପ୍ରୀତିଶ କୁପାରୀ, ଜୟନ୍ତ ଖଇରା ମଣ୍ଡଳ ଭାଜପା ଯୁବମୋର୍ଚ୍ଚା ସଭାପତି



ପ୍ରୀତିଶ



ଜୟନ୍ତ

**ଖଇରା,୧୪।୪(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକର କୁପାରୀ ଓ ଖଇରା ମଣ୍ଡଳ ପାଇଁ ଯୁବମୋର୍ଚ୍ଚା ସଭାପତିଙ୍କ ନାମ ଘୋଷଣା କରାଯାଇଛି। କୁପାରୀ ମଣ୍ଡଳ ପାଇଁ ପ୍ରୀତିଶ କୁମାର ମହାପାତ୍ର, ଖଇରା ମଣ୍ଡଳ ପାଇଁ ଜୟନ୍ତ କୁମାର ସାହୁଙ୍କୁ ମନୋନୀତ କରାଯିବା ପରେ ସେମାନଙ୍କ ସମର୍ଥକଙ୍କ ମହଲରେ ଆନନ୍ଦ ଖେଳିଯାଇଛି । ସିମୁଳିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଅନୁମୋଦନକ୍ରମେ ଏହି ତାଲିକା ପ୍ରକାଶ କରାଯାଇଛି । ନିଜ ଜୋନରେ କିଭଳି ସମସ୍ତ ଯୁବଗୋଷ୍ଠୀଙ୍କୁ ଏକତ୍ର କରି ଭାଜପାକୁ ଶକ୍ତିଶାଳୀ କରିବା ଏବଂ ପଞ୍ଚାୟତ ନିର୍ବାଚନରେ ପଞ୍ଚାୟତ ଓ ଖଇରା ବ୍ଲକ ଦଖଲ କରିବାକୁ ପ୍ରୟାସ କରିବେ ବୋଲି ମନୋନୀତ ଯୁବମୋର୍ଚ୍ଚା ସଭାପତିମାନେ ପ୍ରକାଶ କରିଛନ୍ତି।

### ଡମ୍ପର ପଛକୁ ପିଟିଲା ବାଇକ: ଜଣେ ମୃତ, ଜଣେ ଗୁରୁତର ପ୍ରତିବାଦରେ ରାସ୍ତାରୋକୋ

ବସ୍ତା, ୧୪।୪(ହରି ଶଙ୍କର ପାଢ଼ୀ)

ବସ୍ତା ଥାନା ଅଧୀନ ଅମର୍ଦ୍ଦାରୋଡ଼ ଫାଣ୍ଡି ସୁପ୍ରଭା ଟିଭିଏସ ଶୋରୁମ ସାମନାରେ ସୋମବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ପ୍ରତିବାଦରେ ଅଞ୍ଚଳବାସୀ ରାସ୍ତାରୋକୋ କରିଛନ୍ତି। ମୃତ ଯୁବକ ହେଲେ ନଟାକଟା ପଞ୍ଚାୟତ ବସନ୍ତପୁର ଗ୍ରାମର ପ୍ରଦୀପ ଭୂୟାଁ ଓ ଆହତ ଜଣକ ହେଲେ ମନୁ ହେମ୍ବ୍ରମ। ସୂଚନା ଅନୁସାରେ ସୋମବାର ସକାଳେ ଅମର୍ଦ୍ଦାରୋଡ଼ ରେଳଷ୍ଟେଶନ ସମ୍ମୁଖରେ ଗଚ୍ଛିତ ଥିବା ମୋରମ ଓ ମାଟି କାଣ୍ଡି ନିକଟରେ କୌଣସି ଏକ ଗାଡ଼ି ଚକା ତଳେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଫଳରେ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଉକ୍ତ ରାସ୍ତା ଦେଇ ମାଟି ଓ ମୋରମ ପରିବହନ ହେଉଥିବା ଭାରିଯାନ ଚଳାଚଳ ବନ୍ଦ ରଖିବା ପାଇଁ ଜନସାଧାରଣ ଦାବି କରିଥିଲେ। ହେଲେ ରାତିରେ ଭାରିଯାନ ଚଳାଚଳ ଜାରି ରହିଥିଲା। ମନୁ ଓ ପ୍ରଦୀପ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ କାଛି ଚଡ଼କମେଳାରୁ ଉଡ଼ା ଦେଖି ବାଇକରେ ଘରକୁ ଫେରୁଥିବା ବେଳେ ହାଇୱାକୁ ପଛରୁ ଧକ୍କା ଦେଇ ଗୁରୁତର ହୋଇଥିଲେ। ତେବେ ଘଟଣାସ୍ଥଳରେ ପ୍ରଦୀପଙ୍କର ମୃତ୍ୟୁ ଘଟିଥିବା ବେଳେ ମନୁ ସଂଜ୍ଞାହୀନ ହୋଇ ରାସ୍ତାରେ ରକ୍ତ ଜୁଡ୍ଡୁବୁଡ୍ଡୁ ଅବସ୍ଥାରେ ପଡ଼ିରହିଥିଲେ। ସ୍ଥାନୀୟ ଜନସାଧାରଣ ୨ ଜଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବସ୍ତା ହସ୍ପିଟାଲକୁ ପଠାଇଥିଲେ।

### ମଣ୍ଡଳ କମିଟି ଗଠନକୁ ଭାଜପା ସଭାପତିଙ୍କ ନାପସନ୍ଦ

**ଖଇରା,୧୪।୪(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀ ଅଧୀନ ଖଇରା ବ୍ଲକରେ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ୧୩ତାରିଖରେ ୪ ମଣ୍ଡଳର ଯୁବ, ମହିଳା, ଅନୁସୂଚିତ ଜାତି, ଜନଜାତି, ଓବିସି ଓ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ତଥା ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ନାମ ମନୋନୀତ କରାଯାଇଛି। ଏଭଳି ଘୋଷଣା ବା ମନୋନୟନ ପ୍ରକ୍ରିୟାକୁ ଜିଲା ଭାଜପା ଜିଲା ସଭାପତି ଈଶ୍ୱର ବେହେରା ନାପସନ୍ଦ କରିଛନ୍ତି। ସଙ୍ଗଠନ ଭିତରେ କର୍ମକର୍ତ୍ତା ମନୋନୟନ ଅଧିକାର କେବଳ ସଭାପତିଙ୍କର ରହିଛି। ହେଲେ ଜଣେ ଲୋକପ୍ରତିନିଧି ଜିଲା କିମ୍ବା ମଣ୍ଡଳ ସଭାପତିଙ୍କ ବିନା ପରାମର୍ଶରେ କାର୍ଯ୍ୟକର୍ତ୍ତାଙ୍କ ନାମ ମନୋନୟନରେ କୌଣସି ବୈଧତା ନାହିଁ ବୋଲି ସଭାପତି ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏହାପୂର୍ବରୁ କିଛି ମାସ ତଳେ ମଧ୍ୟ ଖଇରା ବ୍ଲକର ୪ନମ୍ବର ଓ ୬ନମ୍ବର ଜୋନରେ ମଣ୍ଡଳ ସଭାପତିଙ୍କ ନାମ ଘୋଷଣାକୁ ନେଇ ତତ୍କାଳୀନ ଜିଲା ସଭାପତି ଉମାକାନ୍ତ ମହାପାତ୍ର ଅସନ୍ତୋଷ ଜାହିର କରିଥିଲେ।

# ‘ଯୁବପିଢ଼ି ଓଡ଼ିଆ ପରମ୍ପରା, ମୂଲ୍ୟବୋଧ ସହ ଜଡ଼ିତ ରୁହନ୍ତୁ’

ବାଲେଶ୍ୱର, ୧୪।୪(ବାଞ୍ଛାନିଧି ଦେ)

**ଏଫଏମ୍ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପକ୍ଷ ଉତ୍ସବ ସରିଲା**



କୃତୀ ପ୍ରତିଯୋଗୀଙ୍କ ଗହଣରେ କୁଳପତି ଓ ଅତିଥିଗଣ।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଆୟୋଜିତ ବିବିଧ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ଦିବସଠାରୁ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ୧୪ଦିନ ଧରି ଚାଲିଥିବା ଏହି ଉତ୍ସବ ବିଶ୍ୱବିଦ୍ୟାଳୟ ପରିସରକୁ ଏକ ସାହିତ୍ୟିକ ଓ ସାଂସ୍କୃତିକ ମଞ୍ଚରେ ପରିଣତ କରିଥିଲା। ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ଆୟୋଜିତ ସଭାରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାରରେ ଯୁବପିଢ଼ିଙ୍କ ଭୂମିକାକୁ ଉଲ୍ଲେଖ କରିଥିଲେ। ଓଡ଼ିଆ ପରିଚୟର ମୂଲ୍ୟବୋଧ ଓ ଏହାର ସଂରକ୍ଷଣର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଶଶଧର ଦାସ ଯୋଗ ଦେଇ ଓଡ଼ିଆ ଭାଷାର ଐତିହ୍ୟ ଓ ଏହାର ସମୃଦ୍ଧି ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦର ସଭାପତି ଡ଼ା. ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗଦେଇ ଯୁବ ସମାଜଙ୍କୁ ଓଡ଼ିଆ ପରମ୍ପରା ଓ ମୂଲ୍ୟବୋଧ ସହିତ ଜଡ଼ିତ ରହିବା ପାଇଁ ଆହ୍ୱାନ ଦେଇଥିଲେ। ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ଅତିଥି ପରିଚୟ ପ୍ରଦାନ ଓ ଡ଼. ଶିଖାଶ୍ରୀ ରାୟ ସ୍ୱାଗତଭାଷଣ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପଣା ସଂକ୍ରାନ୍ତି ଅବସରରେ ପାରମ୍ପରିକ ପଣାପାନର ବ୍ୟବସ୍ଥା ହୋଇଥିଲା।

## ଜିଲା ପ୍ରଶାସନ ପାଳିଲା ଆମ୍ବେଡ଼କର ଜୟନ୍ତୀ, ଓଡ଼ିଆ ନବବର୍ଷ



କୃତୀ ପ୍ରତିଯୋଗୀଙ୍କୁ ବିଧାୟକ, ଜିଲାପାଳ ଓ ଅତିରିକ୍ତ ଜିଲାପାଳ ପୁରସ୍କୃତ କରୁଛନ୍ତି।

ବାଲେଶ୍ୱର, ୧୪।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଜିଲା ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଭାରତରତ୍ନ ବାବା ସାହେବ ଡ. ଭୀମ ରାଓ ଆମ୍ବେଡ଼କରଙ୍କ ଜନ୍ମ ଜୟନ୍ତୀ, ଓଡ଼ିଆ ନବ ବର୍ଷ ଓ ପଣା ସଂକ୍ରାନ୍ତି ମଙ୍ଗଳବାର ପାଳିତ ହୋଇଯାଇଛି। ସ୍ଥାନୀୟ ପୋଲିସ ଲାଇନ ଛକଠାରେ ଥିବା ଡ. ଭୀମରାଓ ଅମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଅତିରିକ୍ତ ଜିଲାପାଳ ସୁଧାକର ନାଏକ ମାଲ୍ୟାର୍ପଣ କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ଝୋଟିଚିତା, ମୁରୁଜ ଓ ପିଠାପଣା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅନେକ ସ୍ୱୟଂ ସହାୟିକା ଗୋଷ୍ଠୀର ମା’ ମାନେ ଅଂଶଗ୍ରହଣ କରିଥିଲେ। ଜିଲା ସଂସ୍କୃତି ଅଧିକାରିଣୀ ମନସ୍ୱିନୀ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହାବାଦ୍ ଜିଲାପାଳଙ୍କ ଅଡିଟୋରିୟମ ହଲ୍‌ରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇଥିଲେ। ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ସୁଧାକର ନାଏକ, ଅତିରିକ୍ତ ଜିଲାପାଳ ହେମନ୍ତ କୁମାର ସିଂହ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ବାଲେଶ୍ୱର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବୁଦ୍ଧାନ ହେମ୍ବ୍ରମ ମଞ୍ଚ ପରିଚାଳନା କରିଥିଲେ। ସର୍ବପ୍ରଥମେ ଅତିଥିମାନଙ୍କ ଦ୍ୱାରା ଅମ୍ବେଡ଼କରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରାଯାଇଥିଲା। ସମାଜରେ ଅବହେଳିତ, ନିଷ୍ପେସିତ, ନିର୍ଯ୍ୟାତିତ ବ୍ୟକ୍ତିମାନଙ୍କର ମଙ୍ଗଳ ପାଇଁ ଡ. ଆମ୍ବେଡ଼କର ଦେବଦୂତ ସାଜିଥିଲେ ବୋଲି ଅତିଥିମାନେ କହିଥିଲେ। ଶେଷରେ ଉଭୟ ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଏବଂ ଝୋଟି, ଚିତା, ମୁରୁଜ ଓ ପିଠାପଣା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଓଡ଼ିଆ ପକ୍ଷରେ ପିଠା ପ୍ରଦର୍ଶନୀ

ବାଲିଆପାଳ, ୧୪।୪(ରାଜଶ୍ରୀ ପାଣିଗ୍ରାହୀ)

**ଫାଷ୍ଟଫୁଡ୍‌କୁ ବର୍ଜନ କରିବାକୁ ପରାମର୍ଶ**



ପ୍ରଦର୍ଶନୀରେ କୃତିତ୍ୱ ହାସଲ କରିଥିବା ପୁରସ୍କୃତ ମହିଳାମାନେ।

ଓଡ଼ିଆ ନବବର୍ଷ ଉପଲକ୍ଷେ ଓଡ଼ିଆ ପକ୍ଷ ପାଳନ ଅବସରରେ ବାଲିଆପାଳ ବ୍ଲକ ସଭାଗୃହ ମଧ୍ୟରେ ମଙ୍ଗଳବାର ପାରମ୍ପରିକ ପିଠାପଣା, ମୁରୁଜ, ଚିତା ଆଦି ମହିଳାମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ବିଡିଓ ରାଧାରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ୨୨ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ବସ୍ତା ନିର୍ବାଚନମଣ୍ଡଳୀର ଭାଜପା ନେତା ରବୀନ୍ଦ୍ର ନାଥ ଅଣ୍ଡିଆ ଯୋଗଦେଇ ମହିଳାମାନଙ୍କୁ ଉତ୍ସାହିତ କରିବା ସହିତ ଓଡ଼ିଆମାନଙ୍କର ପିଠା ଅତ୍ୟନ୍ତ ପ୍ରିୟ ଏବଂ ଫାଷ୍ଟ ଫୁଡ୍ ଖାଦ୍ୟକୁ ବର୍ଜନ କରି ମା’ ମାନେ ପିଲାମାନଙ୍କୁ ବିଭିନ୍ନ ପ୍ରକାର ପିଠା ଖାଇବାକୁ ଦେବା ଉଚିତ୍ ବୋଲି କହିଥିଲେ। ଜିପିଡିଓ ପ୍ରିୟବ୍ରତ ଗିରି ପିଠାର ମାନକୁ ପରଖିଥିଲେ। ଏହି ପରିପ୍ରେକ୍ଷୀରେ ୬ଜଣ ମହିଳାଙ୍କୁ ପୁରସ୍କୃତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଲମ୍ବୋଦର ମାହାନା, ଅଞ୍ଜନ କୁମାର ଦାସ ଓ ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିପିଏମ ଉତ୍ତମ କୁମାର ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ହବିବି ଲାୟନ୍ସ ବିଜୟୀ

**କାଦ୍ରୀ ମହଲା ପ୍ରିମିୟର ଲିଗ୍ ସିଜନ୍ -୧**



ଉଦ୍‌ଘାଟନୀ ସଭାରେ ଅତିଥି।

ବାଲେଶ୍ୱର, ୧୪।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ସହରସ୍ଥିତ କାଦ୍ରିମହଲା କ୍ରିକେଟ ଗ୍ରାଉଣ୍ଡରେ ରବିବାର ସନ୍ଧ୍ୟାରେ କାଦ୍ରୀ ମହଲା ପ୍ରିମିୟର ଲିଗ୍ ସିଜନ୍-୧ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ପୌରପାଳିକାର ୫ ନମ୍ବର ୱାର୍ଡ କାଉନସିଲର ମିତା ପଟ୍ଟନାୟକଙ୍କ ସହିତ ୭ ନମ୍ବର ୱାର୍ଡ କାଉନସିଲର ମିରାଜ ବାନୋ, କଂଗ୍ରେସ ନେତ୍ରୀ ସାହେବା ଆକ୍ତାର, ପୂର୍ବତନ କାଉନସିଲର ସାକିର ଖାନ, ବିଜେଡି ନେତା ରିଡିକ ଜି, ସାମାଜିକ କର୍ମୀ ଶେଖ୍ ରାଜାବ ଅଲ୍ଲି, ଶେଖ୍ ବେଲାଲୁଦ୍ଦିନ ପ୍ରମୁଖ ମଞ୍ଚାସୀନ ହୋଇ ଅଣ୍ଡର-୧୩ ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ ଏହି ଟୁର୍ନାମେଣ୍ଟ ଭବିଷ୍ୟତରେ ଅନେକ କ୍ରିକେଟର ତିଆରି କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏଭଳି ଟୁର୍ନାମେଣ୍ଟ ଦ୍ୱାରା ଖେଳାଳିମାନଙ୍କ ମଧ୍ୟରେ ଭାଇଚାରା ବୃଦ୍ଧି ସହ ଭାତୃତ୍ୱଭାବ ସୃଷ୍ଟି ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ହବିବି ଲାୟନ୍ସ ଏବଂ ଆର୍ଜେଣ୍ଟିନା-୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହବିବ ଲାୟନ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଆର୍ଜେଣ୍ଟିନା-୧୧ ସମସ୍ତ ଉଇକେଟ ହରାଇ ୧୦୯ରନ ସଂଗ୍ରହ କରିଥିଲା। ଜବାବରେ ମାତ୍ର ୩ ଉଇକେଟ ହରାଇ ୧୧୦ରନ୍‌ର ଲକ୍ଷ୍ୟ ହାସଲ କରିଥିଲା। ଏହି ଟୁର୍ନାମଣ୍ଟରେ ମୋଟ ୬ଟି ଟିମ୍ ପ୍ରତିଦ୍ୱନ୍ଦ୍ୱିତା କରିବେ। ସମସ୍ତ ମ୍ୟାଚ ୬ ଓଭର ବିଶିଷ୍ଟ ଖେଳାଯିବ ବୋଲି ଟୁର୍ନାମେଣ୍ଟ କମିଟି ସଭାପତି ସେକ ମୁଜିବୁର ଓ ସମ୍ପାଦକ ଶାହରୁଖ ଅଲ୍ଲୀ ଖାଁ କହିଛନ୍ତି।

### ଆମ୍ବେଡ଼କରଙ୍କ ଜୟନ୍ତୀ ପାଳିତ

ବାଲିଆପାଳ, ୧୪।୪(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଚୌମୁଖ ସୁବର୍ଣ୍ଣରେଖା ବନ୍ଦର କଲ୍ୟାଣ ସମିତି ପକ୍ଷରୁ ମଙ୍ଗଳବାର ଶୁଭମ କଲ୍ୟାଣ ମଣ୍ଡପରେ ଭାରତ ରତ୍ନ ବାବା ସାହେବ ଅମ୍ବେଡ଼କରଙ୍କ ୧୩୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାକ୍ତନ ଏଡିଏମ ବଜେଲ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଏମ୍‌ପି ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, ମୁଖ୍ୟବକ୍ତା ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ଆବାହକ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି, ସମ୍ମାନିତ ଅତିଥି ଭାବରେ ବାଲିଆପାଳ ସରପଞ୍ଚ ପ୍ରତିନିଧି ହେମନ୍ତ କୁମାର ଦାସ, ମଧୁପୁରା ସରପଞ୍ଚ ପ୍ରତିନିଧି ଲମ୍ବୋଦର ମାହାନା, ବରିଷ୍ଠ ଖବରଦାତା ଅଜୟ କୁମାର ସାହୁ, ଉତ୍କଳ ସମ୍ମିଳନୀ ସମ୍ପାଦକ ସନ୍ୟାସୀ ବେହେରା, ବାଘାଯତୀନ ସ୍ମୃତି ସେବା ପରିଷଦ ମୁଖ୍ୟ କ୍ଷୀତିଶ ଜେନା, ସାମାଜିକ କର୍ମୀ ସୁକାନ୍ତ କୁମାର ରଣା, ବିଜୟ କୁମାର ପାତ୍ର, କବୟିତ୍ରୀ ସବିତା ଦାସ, ବିଶ୍ୱହିନ୍ଦୁ ପରିଷଦ ସମ୍ପାଦକ ଶ୍ରୀହରି ମଣ୍ଡଳ, ପ୍ରାକ୍ତନ ବିଦ୍ୟାଳୟ ପରିଦର୍ଶକ କୁମୁଦ ରଞ୍ଜନ ଗିରି ପ୍ରମୁଖ ଯୋଗଦେଇ ଡ଼ ଅମ୍ବେଡ଼କରଙ୍କ ଭାରତ ପାଇଁ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉମାକାନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡିଏସ ଟିଭି ପରିଚାଳକ ସଦାଶିବ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୋଷୀଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ

### ନାବାଳିକା ଅସଦାଚରଣ ମାମଲା

ବାଲେଶ୍ୱର, ୧୪।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି ବାଲେଶ୍ୱର ଆଡିଶନାଲ ସେସନ ଜଜ୍ କମ୍ ଫାଷ୍ଟଟ୍ରାକ କୋର୍ଟ ବିଚାରପତି ଅନିତା ସାହୁ ସୋମବାର ଅଭିଯୁକ୍ତ ମୁଷି ଓରଫ୍ ସୁଦର୍ଶନ ମହାନ୍ତି(୭୦)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୫ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରାଯାଇଛି।

ବାଲେଶ୍ୱର ଜିଲା ଖଇରା ଥାନା ଅର୍ଜ୍ଜୁନପୁର ଗ୍ରାମର ସୁଦର୍ଶନ ମହାନ୍ତି (୭୦) ଗତ ତା୨୭।୧୧।୨୦୨୧ରିଖରେ ଜଣେ ୧୨ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇଯାଇ ତାଙ୍କ ସହିତ ଅସଦାଚରଣ କରିଥିଲେ। ପୀଡ଼ିତା ନାବାଳିକା ଘରକୁ ଆସି ପରିବାର ଲୋକଙ୍କୁ କହିବା ପରେ ଖଇରା ଥାନାରେ ୨୭ତାରିଖରେ ଏତାଲା ଦିଆଯାଇଥିଲା। ଖଇରା ପୋଲିସ ପୀଡ଼ିତା ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗର ତଦନ୍ତ କରି ଗତ ତା୨୮।୧୧।୨୧ରେ ଅଭିଯୁକ୍ତ ସୁଦର୍ଶନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ବିଚାରପତି ସାହୁ ଉକ୍ତ ମାମଲାର ବିଚାର କରି ଦୋଷୀ ସୁଦର୍ଶନ ମହାନ୍ତିଙ୍କୁ ଉପରୋକ୍ତ ଦଣ୍ଡ ସହ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଅତ୍ୟାଚାର ନିବାରଣ ଆଇନର ଧାରା ୩(୧)(ଡବ୍ଲ୍ୟୁ) (ଆଇ) ଏବଂ (ପିଏ) ଆକ୍ଟ ଅନୁଯାୟୀ ବିଚାରପତି ସାହୁ ଅଭିଯୁକ୍ତ ଦୋଷୀ ସୁଦର୍ଶନ ମହାନ୍ତିଙ୍କୁ ୧ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୧ ମାସ କାରାଦଣ୍ଡ ଭୋଗିବା ପାଇଁ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଏହି ଦୁଇ ଦଣ୍ଡାଦେଶ ସୁଦର୍ଶନଙ୍କ କ୍ଷେତ୍ରରେ ସମାନ୍ତରାଳ ଭାବେ କାର୍ଯ୍ୟକାରୀ ହେବ ବୋଲି ରାୟରେ ନିର୍ଦ୍ଦେଶ ରହିଛି। ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଆଇନଜୀବୀ ରମାକାନ୍ତ ପରିଡା ପରିଚାଳନା କରିଥିଲେ।

### ନୀଳଗିରିରେ ବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ

ନୀଳଗିରି,୧୪।୪(ପ୍ରଶାନ୍ତ କୁମାର ବିଶ୍ୱାଳ)

ମଙ୍ଗଳବାର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀକୁ ନୀଳଗିରି ଅଞ୍ଚଳରେ ଥିବା ବିଭିନ୍ନ ହନୁମାନ ମନ୍ଦିରରେ ମହାଆଡମ୍ବରରେ ପାଳିତ ହୋଇଛି। ନୀଳଗିରି ଡାକ୍ତରଖାନା ପାର୍ଶ୍ୱରେ ଥିବା ହନୁମାନ ମନ୍ଦିର ଓ ମା’ ତାରିଣୀ ମନ୍ଦିର, ତଳସଡ଼କ ସାନଅତାରେ ପଞ୍ଚମୁଖୀ ହନୁମାନ ମନ୍ଦିର, ବରିସାହିରେ ହନୁମାନ ମନ୍ଦିର, ସଙ୍କରାଖୁଣ୍ଟା ଛକରେ ଥିବା ହନୁମାନ ମନ୍ଦିର, ଡାକବଙ୍ଗଳାଠାରେ ଥିବା ଜୟ ହନୁମାନ ମନ୍ଦିର, ଏନଏସି ୭ ନମ୍ବର ୱାର୍ଡ ଦାସସାହି ହନୁମାନ ମନ୍ଦିର, ରାଜନଗର ପଞ୍ଚମୁଖୀ ହନୁମାନ ମନ୍ଦିରରେ ହନୁମାନଙ୍କର ବାର୍ଷିକ ଉତ୍ସବ ପାଳିତ ହୋଇଛି। କିଛି ସ୍ଥାନରେ ଭଜନ କୀର୍ତ୍ତନ ଓ ପ୍ରସାଦ ସେବନ ହୋଇଥିବା ଦେଖିବାକୁ ମିଳିଥିଲା। ଦିନରେ ଏବଂ ସନ୍ଧ୍ୟାରେ ସହରଠାରୁ ଗ୍ରାମ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବେଲପଣା ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ମନ୍ଦିରମାନଙ୍କରେ ବିଭିନ୍ନ ରଙ୍ଗବେରଙ୍ଗରେ ଆଲୋକ ସଜ୍ଜା ଭକ୍ତଙ୍କୁ ଆକର୍ଷିତ କରିଥିଲା।

### ଶନିଶ୍ଚର ଦେବଙ୍କ ବାର୍ଷିକ ଉତ୍ସବ

ବାଲେଶ୍ୱର,୧୪।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ସଦର ବ୍ଲକ ନିକଟରେ ଅବସ୍ଥିତ ଶ୍ରୀ ଶନିଶ୍ଚର ଦେବଙ୍କ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶତାଧିକ ଭକ୍ତ ଶନିଦେବଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ। ଏହି ବାର୍ଷିକ ଉତ୍ସବରେ ସଦର ବିଧାୟକ ମାନସ କୁମାର ଦତ୍ତ, ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାସ, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ପୂର୍ବତନ ବିଧାୟକ ସୁଦାମ ପରିଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କଳାକାରମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯିବା ସହିତ ପ୍ରସାଦ ବଣ୍ଟନ ହୋଇଥିଲା। ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଶ୍ରଦ୍ଧାଳୁମାନେ ପ୍ରସାଦସେବନ କରିଥିଲେ।

### ସମ୍ବିଧାନ ପାଇଁ ସାଧାରଣ ଲୋକଙ୍କୁ ସର୍ବୋଚ୍ଚ ଆସନ ମିଳିପାରୁଛି

**ଖଇରା,୧୪।୪(ଉତ୍କଳବନ୍ଧୁ ପଣ୍ଡା)**

**ଖଇରାରେ ସମ୍ବିଧାନ ସଚେତନତା ସଭା**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୋଚିଆକୋଇଲିଠାରେ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଓ ସମ୍ବିଧାନ ସଚେତନତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ସମିତି ପରିଷଦର ବ୍ଲକ ସଭାପତି ବାବାଜୀ ଚରଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବସ୍ତାର ଅତିରିକ୍ତ ତହସିଲଦାର ଗଦାଧର ସେଠୀ ମୁଖ୍ୟଅତିଥି ଓ ଉପେନ୍ଦ୍ର ଦାସ ମୁଖ୍ୟବକ୍ତା, ପରମେଶ୍ୱର ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ସମ୍ବିଧାନ ପାଇଁ ସାଧାରଣ ଲୋକ ସର୍ବୋଚ୍ଚ ଆସନ ଅଳଙ୍କୃତ କରିପାରୁଛନ୍ତି ଏବଂ ସାଧାରଣଙ୍କ ହାତରେ ଭୋଟଦାନ ଭଳି ସର୍ବାଧିକ କ୍ଷମତାର ଅଧିକାରୀ ହୋଇପାରୁଛନ୍ତି ବୋଲି ପ୍ରକାଶ କରିଥିଲେ। ପରିଷଦ ଜିଲା ସମ୍ପାଦକ ସୁବ୍ରତ ସିଂ ବିବରଣୀ ପାଠ, ବ୍ଲକ ସମ୍ପାଦକ ଅନିରୁଦ୍ଧ ଗଜ ସ୍ୱାଗତଭାଷଣ ଓ ପୃଥୀରାଜ ଦାସ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ ଏକ ରାଲି ଖଇରା, ଗଣ୍ଡିବେଡ ଓ ତୁଡିଗଡିଆ ବଜାର ପରିକ୍ରମା କରି କୋଚିଆକୋଇଲି କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲା।

### ବନ୍ଦେ ଉତ୍କଳ ଜନନୀରୁ ଓଡ଼ିଆ ନବବର୍ଷ ପାଳନ



**ଭୋଗରାଇ,୧୪।୪ (ପ୍ରଦୀପ ଦାସ)**

ଓଡ଼ିଆ ନବବର୍ଷ ଓ ଏହାର ଐତିହ୍ୟ ସାଂସ୍କୃତିକ ଭାବଧାରାକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ରସିଦପୁର ଶ୍ରୀଜଗନ୍ନାଥ କୃପାକ୍ଷେତ୍ର ପରିସରରେ ବିଜେଡି ପକ୍ଷରୁ ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ଅବସରରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ଉତ୍କଳୀୟ ସାଂସ୍କୃତିକ ଚେତନାକୁ ଋଦ୍ଧିମନ୍ତ କରିବା ଉଦ୍ଦେଶ୍ୟ ରଖି ଓଡ଼ିଆ ପୁଅର ଗୌରବ ଗାଥାକୁ ସ୍ମରଣ କରିବା ଓ ଓଡ଼ିଆ ଅସ୍ମିତାର ହୃତଗୌରବ ଦୃଢ଼ୀଭୂତ ରଖିବା ଆଗକୁ ବଢ଼ିବା ଶପଥ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିବା ଭୋଗରାଇ ବିଜେଡି ଶାଖା ପକ୍ଷରୁ କୁହାଯାଇଛି। ବିଜେଡି ସଭାପତି ରମାକାନ୍ତ କରଣଙ୍କ ସଭାପତିତ୍ୱରେ ସାଂସ୍କୃତିକ ମଞ୍ଚକୁ ପରିଚାଳନା କରିଥିଲେ ବରିଷ୍ଠ ବିଜେଡି ନେତା ନଳିନୀ ସେଠୀ। ମୁଖ୍ୟଅତିଥି ଭାବେ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ଆମ ପୂର୍ବସୁରୀଙ୍କ ବଳିଷ୍ଠ ଚାରୁକଳା, ଭାସ୍କର୍ଯ୍ୟ ଓ ଉତ୍କଳୀୟ ସଂସ୍କୃତି ଓ ବୀରତ୍ୱ ନେତୃତ୍ୱର ପରମ୍ପରାକୁ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେଉଛି ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମର ଗିରି, ଜିଲାପରିଷଦ ସଦସ୍ୟା କବିତା ମହାନ୍ତି, ଦମୟନ୍ତୀ ସାହୁ, ପ୍ରତିମା ଚାନ୍ଦ, ସମିତି ସଦସ୍ୟ ଶୀର୍ଷେନ୍ଦୁ ମାହାନ୍ତି, ସରପଞ୍ଚ ଅଶୋକ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଛାତ୍ରୀଙ୍କ ପକ୍ଷରୁ ସୁନ୍ଦର ଆକର୍ଷଣୀୟ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା।

## ଆଜିଠୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

- ୨ ମାସ ଲାଗୁ ହେଲା ସାମୁଦ୍ରିକ କଟକଣା
- ମାଛ ପ୍ରଜନନ ଋତୁ ଆରମ୍ଭ

**ବାଲେଶ୍ୱର, ୧୪।୪(ବାଞ୍ଛାନିଧି ଦେ)**




ବାହାବଳପୁର ଜେଟି ଅଞ୍ଚଳରେ ଥିବା ଜଳଯାନ।

ରାଜ୍ୟର ପୂର୍ବ ଉପକୂଳଗୁଡିକରେ ଏପ୍ରିଲ ୧୫ରୁ ଜୁନ ୧୪ ପର୍ଯ୍ୟନ୍ତ ୬୧ଦିନ ସମୁଦ୍ର ମଧ୍ୟରେ ମାଛଧରା କଟକଣା ଲାଗୁ କରାଯାଇଛି। ଏନେଇ ଓଡ଼ିଶା ସରକାରଙ୍କ ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ମାଛମାନଙ୍କର ପ୍ରଜନନ ଓ ଅଣ୍ଡାଦାନ ଋତୁକୁ ଦୃଷ୍ଟିରେ ରଖି ୨ମାସ ଯାଏ ସମୁଦ୍ରକୁ ଯାଇପାରିବେ ନାହିଁ ମତ୍ସ୍ୟଜୀବୀ। ଏହି ସମୟରେ ସମୁଦ୍ରରେ ମାଛବଂଶ ବୃଦ୍ଧି ଓ ଯାଆଁଳ ସୁରକ୍ଷା ପାଇଁ ଏହା ପାଳନ ଅନିବାର୍ଯ୍ୟ। ବାଲେଶ୍ୱର ଜିଲା ଅଧୀନ ସମୁଦ୍ର ଉପକୂଳବର୍ତ୍ତୀ ବିଭିନ୍ନ ମାଛଧରା କେନ୍ଦ୍ରରେ ମତ୍ସ୍ୟଜୀବୀମାନେ ସମୁଦ୍ରରେ ମାଛ ଧରିବା ପାଇଁ ଯାଇପାରିବେ ନାହିଁ। ଫଳରେ ଲକ୍ଷାଧିକ ମତ୍ସ୍ୟଜୀବୀ ପରିବାରଙ୍କ ରୋଜଗାର ବାଧାପ୍ରାପ୍ତ ହେବ। ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ନିୟମ ୧୯୮୨ ଅନୁଯାୟୀ ମାଛ ଓ କଇଁଛଙ୍କ ଅଣ୍ଡାଦାନ ସମୟ ହୋଇଥିବାରୁ ପ୍ରତିବର୍ଷ ଏହି ୨ ମାସ ସମୁଦ୍ରରେ ମାଛଧରା ବନ୍ଦ ରହିଥାଏ। ବାଲେଶ୍ୱର ଜିଲା ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ମତ୍ସ୍ୟଜୀବୀମାନେ ସମୁଦ୍ରରୁ ମାଛ ଧରି ଜୀବିକା ନିର୍ବାହ କରିଥାନ୍ତି। କଟକଣା ଲାଗୁ ହେବା ଯୋଗୁ ବଳରାମଗଡ଼ି, ଚାନ୍ଦିପୁର, ବାହାବଳପୁର, କଷାଫଳ, ଚନ୍ଦନେଶ୍ୱର, ଉଦୟପୁର, ତାଳସାରି, କୀର୍ତ୍ତନିଆ, ବାଲିଆପାଳ, ଚଉମୁଖ, ଡଗରା, ଗୋପାଳପୁର ଆଦି ସମୁଦ୍ର ଉପକୂଳବର୍ତ୍ତୀ ମାଛଧରା କେନ୍ଦ୍ରରେ ମତ୍ସ୍ୟଜୀବୀଙ୍କ ରୋଜଗାର ଠପ୍ ହୋଇଯିବା ଆଶଙ୍କା ଦେଖାଦେଉଛି। ଏଥିସହ ବୋଟ, ଭୁଟୁଭୁଟି, ଟ୍ରଲର ମାଲିକ, ଡ୍ରାଇଭର, କର୍ମଚାରୀ, ବରଫ କାରଖାନା କର୍ମଚାରୀଙ୍କ ସମେତ ଲକ୍ଷାଧିକ ମତ୍ସ୍ୟଜୀବୀ ୬୧ଦିନ ଧରି ହାତ ବାନ୍ଧି ବସିବେ। ଏହାକୁ ନେଇ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ରାଜ୍ୟ ସରକାର ଓ ମତ୍ସ୍ୟବିଭାଗ ପକ୍ଷରୁ ପ୍ରତିବର୍ଷ ଏହି ୨ମାସ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ମତ୍ସ୍ୟଜୀବୀ ଦାବି କରିଛନ୍ତି।

# 'ଛଉନୃତ୍ୟ ମୟୂରଭଞ୍ଜକୁ ସ୍ୱତନ୍ତ୍ର ପରିଚୟ ଦେଇଛି'

**ସରିଲା ଚୈତ୍ର ପର୍ବ-୨୦୨୬**

ବାରିପଦା,୧୪।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ସଂସ୍କୃତି ଓ ପରମ୍ପରାର ଐତିହ୍ୟ ଚୈତ୍ର ପର୍ବ-୨୦୨୬ ଉଦ୍‌ଯାପିତ ହୋଇଛି। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ଗ୍ରାମୀଣ ଛଉ ଓ ଦ୍ୱିତୀୟ ସନ୍ଧ୍ୟାରେ ସହରାଞ୍ଚଳ ଛଉ ନୃତ୍ୟ ପ୍ରତିଯୋଗିତାରେ ବାରିପଦା ଅଞ୍ଚଳର ଐତିହାସିକ ଦୁଇ ଦଳ ଉତ୍ତର ସାହି ଓ ଦକ୍ଷିଣ ସାହି ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ସେହିପରି ତୃତୀୟ ସନ୍ଧ୍ୟାରେ ମଧ୍ୟ ଉତ୍ତର ସାହି ଓ ଦକ୍ଷିଣ ସାହି ନିଜ ନିଜର ଛଉ ନୃତ୍ୟର ଉତ୍କର୍ଷତା ପ୍ରଦର୍ଶନ କରିଥିଲେ। ଗ୍ରାମୀଣ ଛଉ ନୃତ୍ୟ ପ୍ରତିଯୋଗିତାରେ ବଦଡା ଛଉ ନୃତ୍ୟ ପ୍ରତିଷ୍ଠାନ ରାଇରଙ୍ଗପୁର ପ୍ରଥମ ସ୍ଥାନ ଅଧିକାର କରିଛି। ବଡ଼ଜାମବଣୀ ଛଉ ନୃତ୍ୟ ପ୍ରତିଷ୍ଠାନ, ଦାନ୍ତିଆମୁହାଁ, ବାମନୀପାହାଡ଼ ଛଉ ନୃତ୍ୟ ପ୍ରତିଷ୍ଠାନ, ଅଁଳାଯୋଡି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିରେ ଶ୍ରେଷ୍ଠ ପୁରୁଷ କଳାକାର ଭାବେ ଦେବ ଗୁଣିଆ (ବଦଡା ଛଉ ନୃତ୍ୟ ପ୍ରତିଷ୍ଠାନ, ରାଇରଙ୍ଗପୁର) ଓ ଶ୍ରେଷ୍ଠ ମହିଳା କଳାକାର ଭାବେ ମନପ୍ରୀତ ମହାନ୍ତ (ବଦଡା ଛଉ ନୃତ୍ୟ ପ୍ରତିଷ୍ଠାନ, ରାଇରଙ୍ଗପୁର) ବିବେଚିତ ହୋଇଛନ୍ତି। ସେହିପରି ସହରାଞ୍ଚଳ ଛଉ ନୃତ୍ୟ ପ୍ରତିଯୋଗିତାରେ ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିର ପ୍ରଥମ ସ୍ଥାନ ଓ ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏଥିରେ ଶ୍ରେଷ୍ଠ ପୁରୁଷ କଳାକାର ଭାବେ ଚନ୍ଦ୍ର ଶେଖର ଦାସ (ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ) ଓ ଶ୍ରେଷ୍ଠ ମହିଳା କଳାକାର ଭାବେ ଭାଗ୍ୟଶ୍ରୀ ରାଉତ (ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିର) ବିବେଚିତ ହୋଇଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ବାଙ୍ଗରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁ, ରାଜସ୍ୱ ପରିଷଦ ସତ୍ୟବ୍ରତ ସାହୁ, ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ସଭାପତିତ୍ୱ କରିଥିଲେ।ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଚୈତ୍ର ପର୍ବ ସ୍ମରଣିକା-୨୦୨୬ ଉନ୍ମୋଚିତ ହୋଇଥିଲା। ମୁଖ୍ୟ ଅତିଥି ଡ଼ ମହାପାତ୍ର ଛଉ ନୃତ୍ୟ ବିଶ୍ୱ ଦରବାରରେ ମୟୂରଭଞ୍ଜକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଏହା ମୟୂରଭଞ୍ଜର ଅସ୍ମିତାର ପ୍ରତୀକ ଓ ଏହାକୁ ବିଶ୍ୱସ୍ତରରେ ପ୍ରଚାର ପାଇଁ ଯୁବପିଢ଼ିଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଛଉ ନୃତ୍ୟର ଶ୍ରେଷ୍ଠ ପ୍ରଦର୍ଶନ ଦଳ ଓ କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ଶୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ନୃତ୍ୟ ଉପଭୋଗ କରିଥିଲେ।



ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସମ୍ବର୍ଦ୍ଧନା ପ୍ରଦାନ କରୁଛନ୍ତି।

# ଆମେ-୮୦ ପକ୍ଷରୁ ଜଳସେବା



ଜଳସେବା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା,୧୪।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନବବର୍ଷ ଅବସରରେ ମୟୂରଭଞ୍ଜ ଜିଲା ବାରିପଦାର ଆମେ-୮୦ ପକ୍ଷରୁ ଜଳସେବା ମଙ୍ଗଳବାର ଆରମ୍ଭ ହୋଇଛି। ପୂର୍ତ୍ତବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବର୍ଷ ଭଳି ଏହି ସେବା ମହାବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ରଜ ସଂକ୍ରାନ୍ତି ଜୁନ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ପ୍ଲାଷ୍ଟିକ ମୁକ୍ତ ଅଭିଯାନର ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବାରିପଦା ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ରାଉତ, ଜିଲା ଓକିଲ ସଂଘର ସଭାପତି ଜ୍ୟୋତି ପ୍ରକାଶ ରଥ, ଆମେ ୮୦-ର ସଦସ୍ୟ ଗିରିଶ ଚନ୍ଦ୍ର ଦାସ ଉପସ୍ଥିତ ରହି ଜଳସେବା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦୀର୍ଘ ୬୦ଦିନ ଧରି ପ୍ରଚଣ୍ଡ ଖରା ସମୟରେ ସହରବାସୀ ତଥା ଜିଲା ମୁଖ୍ୟାଳୟକୁ ଆସୁଥିବା ଲୋକମାନଙ୍କୁ ଏହି ସେବା ପ୍ରଦାନ କରାଯିବ। ୨୦୧୪ରୁ ସଦସ୍ୟମାନେ ଏକଜୁଟ ହୋଇ ଏହି ସେବା ପ୍ରଦାନ କରୁଥିବା ବେଳେ ପ୍ରତ୍ୟେକ ଦିନ ୨ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁସ୍ୱାଦୁ ଦହି ସରବତ୍, ଲେମ୍ବୁପାଣି, ଜଳଜୀରା ପାଣି ଓ ରସନା ପାଣି ପ୍ରଦାନ କରାଯିବ। ସହରରେ ଏକ ସୁସ୍ଥ ଓ ସୁନ୍ଦର ପରିବେଶ ପାଇଁ ପ୍ଲାଷ୍ଟିକ ଗ୍ଲାସ ପରିବର୍ତ୍ତେ କାଗଜ ଗ୍ଲାସ ବ୍ୟବହାର କରି ସଙ୍ଗଠନ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ଜଳସେବା ୧୯୮୦ ମାଟ୍ରିକ ବ୍ୟାଚ୍ ବନ୍ଧୁମାନଙ୍କ ମିଳିତ ଉଦ୍ୟମରେ ପରିଚାଳନା କରାଯାଉଛି ।

# ତଳକଡ଼ଦା, ଆରପଟାରେ ଉଡ଼ାଯାତ୍ରା

ଗୋପବନ୍ଧୁ ନଗର, ୧୪।୪
(ଶାନ୍ତନୁ କୁମାର ମଜୁଆଳ)

ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ତଳକଡଦା ଠାରେ ମହାବିଷୁବ ସଂକ୍ରାନ୍ତି ଅବସରରେ ପାରମ୍ପରିକ ଉଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାଆ ବାସୁଳୀଙ୍କ ପୀଠରେ ଏହି ଉଡା ପର୍ବ ଦୀର୍ଘ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ତିନି ଦିନ ପୂର୍ବରୁ ଭକ୍ତା ଓ ଦାସୀମାନଙ୍କ ଦ୍ୱାରା ସନ୍ଧ୍ୟାରେ ପୃଥକ ଭାବେ ଝୁଲାପାଟ, ନିଆଁ ପାଟ ଓ କଣ୍ଟା ପାଟ କାର୍ଯ୍ୟ ଦାସୀ ଓ ଭକ୍ତା ମାନଙ୍କ ଦ୍ୱାରା ସଂପନ୍ନ ହୋଇଥିଲା। ଚଳିତ ବର୍ଷ ୮ ଜଣ ଦାସୀଙ୍କ ସମେତ ମୋଟ ୧୬ ଜଣ ଭକ୍ତା ଉଡ଼ିବାରେ ଭାଗ ନେଇଥିଲେ। ଦୁଷ୍ମନ୍ତ ପାତ୍ର, ହରିଶ ଚନ୍ଦ୍ର ପାତ୍ର, ରବିନ୍ଦ୍ର ପାତ୍ର, ମନୋରଞ୍ଜନ ଦେହୁରୀ ପ୍ରମୁଖ ମୁଖ୍ୟ ଦାସୀ ଭାବେ କାର୍ଯ୍ୟ ତୁଲାଇଥିଲେ। କମିଟିର ସଭାପତି ଦିବାକର ପାତ୍ର ଓ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ପରିଚାଳନା ହୋଇଥିଲା। ପୂର୍ବରୁ ମାନସିକ ଥିବା ୧୧ ଜଣ ଉପାସକ ନିଜ ନିଜ ପିଠିରେ କଣ୍ଟା ଫୁଡା କରିଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଆରପଟାଠାରେ ମଧ୍ୟ ପାରମ୍ପରିକ ଉଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଠାରେ ମୁଖ୍ୟ ଦାସୀ ଭାବେ ଗଣେଶ୍ୱର ଦେହୁରୀ, ବାବୁ ଦେହୁରୀ ଓ ଟୁନା ଜେନା କାର୍ଯ୍ୟ ତୁଲାଇଥିବା ବେଳେ ୧୨ ଜଣ ଭକ୍ତା ଉଡ଼ିବା କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ୬ ଜଣ ଉପାସକ କଣ୍ଟାଫୁଡା କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ସଞ୍ଜିବ କୁମାର ନାୟକ, ଅଞ୍ଜନ ପାଣି, ଶିରିଶ ଚନ୍ଦ୍ର ବେହେରା, ମନୋଜ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଶକ୍ତିମାନ ଜିମ୍ନାସିୟମର ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା,୧୪।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଉପକଣ୍ଠ ନଙ୍ଗଳକଟାସ୍ଥିତ ଶକ୍ତିମାନ ଜିମ୍ନାସିୟମ ତରଫରୁ କ୍ରୀଡା ପ୍ରଦର୍ଶନ ଏବଂ ସାଂସ୍କୃତିକ ବିରାଟ ପଦଯାତ୍ରା ଅନୁଷ୍ଠିତ ହୋଇଛି । ଜିମ୍ନାସିୟମର ପ୍ରତିଷ୍ଠାତା ପରେଶ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଯୁବତୀ ଯୁବକ ଯୋଗ ଦେଇଥିଲେ। ଶୋଭାଯାତ୍ରା ମଧୁବନ ପଡ଼ିଆରୁ ଆରମ୍ଭ ହୋଇ ସହର ପରିକ୍ରମା କରି ଜଗଦ୍ଧାତ୍ରୀ ପଡିଆରେ ପହଞ୍ଚିଥିଲା। ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ପୂର୍ବତନ ବିଧାୟକ ରାଜ କିଶୋର ଦାସ, ସାମାଜିକ କର୍ମୀ ଗିରୀଶ ଚନ୍ଦ୍ର ଦାସ, ଶିଳ୍ପପତି ମୁରାରୀ ଶର୍ମା ଏବଂ ଠିକାଦାର ଅରୁଣ ସରକାର ପ୍ରମୁଖ ପତାକା ହଲାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ପଦଯାତ୍ରାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଯାପନ କରିଥିଲେ। ଶକ୍ତିମାନ ଜିମ୍ନାସିୟମର ଆନ୍ତର୍ଜାତୀୟ ଖେଳାଳି ମନ୍ଦାକିନୀ ମହାନ୍ତ, ସ୍ନେହା ସୋରେନ ଓ ଜାତୀୟ ଖେଳାଳି ସମରେନ୍ଦ୍ର ମହାନ୍ତ, ଅଭିଷେକ ମହାନ୍ତ, ସୁଷମା ରାୟ, ମିନା ସିଂ, ରଞ୍ଜନ ହାଁସଦା, ଅଲିଶା ବେହେରା, ଦୁଃଖୀରାମ ମାରାଣ୍ଡି, ସ୍ୱର୍ଣ୍ଣପ୍ରଭା ଟୁଡୁ, ହରିଶଙ୍କର ମହାନ୍ତ ଏବଂ ରାଜ୍ୟସ୍ତରୀୟ ଖେଳାଳି ଶୁଭଶ୍ରୀ ମହାନ୍ତ, ଦେବସ୍ମିତା ସିଂ, ତନୁଶ୍ରୀ ସିଂ,ହୀରାମଣି ମହାନ୍ତ, ଆକାଶ ମହାନ୍ତ, ଚନ୍ଦନ ମହାନ୍ତ, ଗଗନକୁମାର ମହାନ୍ତ ଏବଂ ଆଶିଷ ମାରାଣ୍ଡି ଏହି ପଦଯାତ୍ରାର ମୁଖ୍ୟ ଆକର୍ଷଣ ଥିଲେ। ତରୁଣ ମହାନ୍ତି, ବିପ୍ଳବ ବୁଗୁଡେଇ, ପ୍ରିୟବ୍ରତ ଦାସ, ଅମିତାବ ସାହୁ, ଦିଲ୍ଲୀପ ଦାସ, ସୌମ୍ୟରଞ୍ଜନ ମିଶ୍ର, ସୁରଜ ଲୋହାର, ମାନସ ବେହେରା, ସଂଗ୍ରାମ କେଶରୀ ଦେବ, ସୁକୁଳ ମୁର୍ମୁ, କାଳୀଚରଣ ନାଏକ, ଦନାର୍ଦ୍ଦନ ମହାନ୍ତ, ହିମାଂଶୁ ଶେଖର ମହାନ୍ତ, ରତିକାନ୍ତ ମହାନ୍ତଙ୍କ ସମେତ ବହୁ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାଇବର ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ

ବାରିପଦା,୧୪।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ମୟୂରଭଞ୍ଜ ଜିଲା ଶୁଲିଆପଦା ବ୍ଲକ ଅନ୍ତର୍ଗତ ଦେଉଳି ସରକାରୀ ଉଚ୍ଚ ବିଦ୍ୟାଳୟରେ ସାଇବର ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଚାନ୍ଦୁଆ ଥାନା ଅଧିକାରୀ ଲକ୍ଷ୍ମଣ କୁମାର ନାୟକ ଓ ଜମ୍ବୀରା ଫାଣ୍ଡି ଅଧିକାରୀ ସତ୍ୟରଞ୍ଜନ ଭୂୟାଁ ଯୋଗଦେଇ ସାଇବର ଠକମାନଙ୍କଠାରୁ କିପରି ନିଜକୁ ସୁରକ୍ଷିତ ରଖିବେ ତାହା ଉପରେ ଆଲୋକପାତ କରିଥିଲେ। ସାଇବର ଠକଙ୍କ ଦ୍ୱାରା ଶିକାର ହେଲେ ଟୋଲ ଫ୍ରି ନମ୍ବର ୧୯୩୦ ରେ ଫୋନକରି ଜଣାଇବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ସାହିତ୍ୟକାର ଅଜମ୍ବର ପୃଷ୍ଟି, ପୋଲିସ କନଷ୍ଟେବଲ ସୁନ୍ଦର ମାଝୀ, ଶ୍ରୀମତୀ ହେମ୍ବ୍ରମ, ବୀରେନ୍ଦ୍ର ହେମ୍ବ୍ରମ, କୃଷ୍ଣଚନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଇପ୍ସିତା କର୍ମକାର, ଜ୍ୟୋସ୍ନାମୟୀ ପରିଡା, ଦୀପାଲି ବିନ୍ଧାଣି, ପାର୍ବତୀ ହାଁସଦା, ଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତ, ରାଧାକାନ୍ତ ବେହେରା, ଶମ୍ଭୁନାଥ ବେହେରା, ଅବିନାଶ ସେନାପତି, ସୁଶାନ୍ତ କୁମାର ଧଳ, ନୀଳାଚଳ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ରାଜେଶ ଶୁଭଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।

# ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ ପ୍ରତିବାଦରେ ଶରତ ବଜାର ବନ୍ଦ



ବନ୍ଦ ଯୋଗୁ ବସ୍ ଅଟକି ରହିଛି।

କପ୍ତିପଦା,୧୪।୪(ବିଷ୍ଣୁ ଚରଣ ପୁଥାଳ)

କପ୍ତିପଦା ବ୍ଲକ ଅଧୀନ ଶରତ ବଜାର ଛକ ନିକଟରେ ଥିବା ବୀର ଶହୀଦ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ କରାଯାଇଥିବା ପ୍ରତିବାଦରେ ମଙ୍ଗଳବାର ଶରତ ବନ୍ଦ ଡାକରା ଦିଆଯାଇଥିଲା। ପ୍ରକାଶ ଥାଉକି, ଗତ କିଛି ଦିନ ତଳେ କେହି ଦୁର୍ବୃତ୍ତ ବଜାର ଛକରେ ଥିବା ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଶାଢ଼ି ପିନ୍ଧାଇ ଦେବା ସହିତ ବେକରେ ଫୁଲମାଳ ପକାଇ ଦେଇଥିଲେ। ଯାହାକୁ ନେଇ ବୀର ଶହୀଦ ବିର୍ସାମୁଣ୍ଡା ସ୍ମୃତି କମିଟି ପକ୍ଷରୁ ଏହାର ପ୍ରତିବାଦରେ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଶରତ ବନ୍ଦ ପାଳନକରାଯାଇଥିଲା। ପ୍ରତିମୂର୍ତ୍ତିକୁ ଅସମ୍ମାନ କରିଥିବା ଦୁର୍ବୃତ୍ତଙ୍କୁ ତୁରନ୍ତ ଗିରଫ କରିବା, ୯ଟି ଗ୍ରାମପଞ୍ଚାୟତର କେନ୍ଦ୍ରସ୍ଥଳୀ ଶରତଠାରେ ବସ୍‌ଷ୍ଟାଣ୍ଡ, ଯାତ୍ରୀ ପ୍ରତୀକ୍ଷାଳୟ ଓ ଶୌଚାଳୟ ଇତ୍ୟାଦି ନିର୍ମାଣ, ୩ଟି ଜିଲାର ମିଳନସ୍ଥଳୀ ଶରତଠାରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କ ସମସ୍ୟାର ସମାଧାନ କରାଯିବା ପାଇଁ ଦାବି କରାଯାଇଥିଲା। ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ମଙ୍ଗଲ ଓ ଶରତ ଥାନା ଅଧିକାରୀ ବନ୍ଦ ପାଳନ ସ୍ଥଳରେ ପହଞ୍ଚି ସେମାନଙ୍କ ଠାରୁ ଏକ ଦାବି ପତ୍ର ଗ୍ରହଣ କରିବା ସହିତ ଦାବି ଗୁଡ଼ିକ ଖୁବ୍ ଶୀଘ୍ର ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ବିଷୁବ ସଂକ୍ରାନ୍ତିରେ ସର୍ବତ ବିତରଣ

ଉଦଳା, ୧୪।୪
(ସନ୍ତୋଷ କୁମାର ବାଛିନୀ)

ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଉଦଳା ଘରୋଇ ବସ ମାଲିକ ସଂଘ ଓ ମୋଟର କର୍ମଚାରୀ ସଂଘ ମିଳିତ ସହଯୋଗରେ ସ୍ଥାନୀୟ ବସଷ୍ଟାଣ୍ଡରେ ଥଣ୍ଡା ଦହି ସରବତ, ପୁଦିନା ପତ୍ର ସରବତ, ଲେମ୍ବୁ ସରବତ ଜନସାଧାରଣଙ୍କୁ ବିତରଣ କରାଯାଇଥିଲା। ପୂର୍ବାହ୍ନ ସାଢେ ୧୦ଟା ସମୟରେ ଉପଖଣ୍ଡ ପୋଲିସ ଅଧିକାରୀ ହୃଷିକେଶ ନାଏକ ଏହି ସରବତ ବିତରଣ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଘରୋଇ ବସ ମାଲିକ ସଂଘ ସଭାପତି ରମେଶ ବେହେରା, ସଞ୍ଜୟ ବାରିକଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି ଯାତ୍ରୀ ଏବଂ ଜନସାଧାରଣଙ୍କୁ ସର୍ବତ ବଣ୍ଟନ କରିଥିଲେ।

# ଖୁଣ୍ଟାପୁର ଶୀତଳା ମନ୍ଦିରରୁ ଚୋରି

ବୈଶିଙ୍ଗା,୧୪।୪(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ଖୁଣ୍ଟାପୁର ଗ୍ରାମରେ ଥିବା ମା ଶୀତଳାଙ୍କ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଯାଇଥିବା ନେଇ ଅଭିଯୋଗ ହୋଇଛି।

ସୂଚନା ମୁତାବକ ସବୁଦିନ ଭଳି ସୋମବାର ମଧ୍ୟ ପୂଜାର୍ଚ୍ଚନା ପରେ ପୂଜକ ମନ୍ଦିରରେ ତାଲା ପକାଇ ଯାଇଥିଲେ। ହେଲେ ମଙ୍ଗଳବାର ସକାଳେ ଆସି ଦେଖିଲା ବେଳକୁ ମୁଖ୍ୟ ଦ୍ୱାର କବାଟ ତାଲା ଭାଙ୍ଗି ଠାକୁରାଣୀଙ୍କ ରୁପା ମୁକୁଟ, ରୁପା ପାଦୁକା , ରୁପା ବେଲପତ୍ର, ୨ ଟି ସୁନା ଚିତା ଚୋରି ହୋଇଥିବା ଜାଣି ପୋଲିସ ନିକଟରେ ଧର୍ମେନ୍ଦ୍ର ନାଥ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ. ୧୭୯/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବାରିପଦାରୁ ସାଇଣ୍ଟିଫିକ ଟିମ୍ ଓ ଡଗ ସ୍କ୍ୱାଡ୍ ଆସି ତଦନ୍ତ କରି ଫେରିଯାଇଛନ୍ତି। ତେବେ ଗ୍ରାମବାସୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ନିକଟସ୍ଥ ଏକ ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରିବା ପରେ ଦୁଇ ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ମଧ୍ୟ ରାତ୍ରିରେ ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିବା ନେଇ ଦେଖିବାକୁ ମିଳିଛି।

# ବିଷୁବ ସଂକ୍ରାନ୍ତିରେ ମନ୍ଦିରରେ ପୂଜାର୍ଚ୍ଚନା

ରାଇରଙ୍ଗପୁର,୧୪।୪(ମାନସ ମହାନ୍ତି)

ମହା ବିଷୁବ ସଂକ୍ରାନ୍ତି ଅବସରରେ ମଙ୍ଗଳବାର ରାଇରଙ୍ଗପୁର ସହରାଞ୍ଚଳ ଆଖପାଖ ପୁରପଲ୍ଲୀ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଥିଲେ। ରାଇରଙ୍ଗପୁର ସହରାଞ୍ଚଳ ସ୍ଥିତ ପ୍ରସିଦ୍ଧ ଶ୍ରୀ ଶ୍ରୀ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିର ଏବଂ ଶ୍ରୀ ଶ୍ରୀ ବାବା ଐଶନେଶ୍ୱର ମହାଦେବ ମନ୍ଦିର ଏବଂ ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା।

# ବାରିପଦାରେ ଉଡ଼ାପର୍ବ ପାଳିତ

ବାରିପଦା,୧୪।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ବାରିପଦାର ପ୍ରସିଦ୍ଧ ଭକ୍ତା ବା ଉଡ଼ାପର୍ବ ପଣା ସଂକ୍ରାନ୍ତିରେ ଏମ୍‌ପିସି କଲେଜ(ରାଜପ୍ରସାଦ) ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ଓ ଦକ୍ଷିଣସାହିର ବହୁ ପାଟଭକ୍ତା ଏଥିରେ ସାମିଲ ହୋଇଥିଲେ। ବିଭାଗ ପକ୍ଷରୁ ପ୍ରସ୍ତୁତି ଅନୁଯାୟୀ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିଲା। ମୟୂରଭଞ୍ଜ ରାଜପ୍ରାସାଦ ବୋଲାଉଥିବା ଏମପିସି ଜୁନିୟର କଲେଜ ସମ୍ମୁଖରେ ପ୍ରଥମ ଦିନ କଣ୍ଟାପାଠ , ଦ୍ୱିତୀୟ ଦିନରେ ନିଆଁ ପାଠ , ତୃତୀୟ ଦିନ ଝୁଲା ପାଠ ସରିବା ପରେ ଆଜି ଅର୍ଥାତ ଶେଷ ଦିନ ସନ୍ଧ୍ୟା ପୂର୍ବରୁ ଭକ୍ତାମାନେ ଏକ ଖୁଣ୍ଟରେ ବନ୍ଧାଯାଇ ଉଡିଥାନ୍ତି। ଭକ୍ତାମାନେ ଉଡ଼ା ସରିବା ପରେ ମାନସିକଧାରୀମାନେ ମଧ୍ୟ ଏହି ଖୁଣ୍ଟରେ ଉଡୁଥିବା ଦେଖିବାକୁ ମିଳଥିଲା। ଏହି ପର୍ବକୁ ଦେଖିବା ପାଇଁ ଅନେକ ଦୁର ଦୁରାନ୍ତରୁ ଲୋକମାନେ ଆସି ଦର୍ଶନ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ ରହିଥିଲେ।



ଉଡ଼ାପର୍ବରେ ସାମିଲ ଭକ୍ତାମାନେ।

# ୧୬ରୁ ବାରିପଦାରେ ବଳାଙ୍ଗୀ ମହୋତ୍ସବ

ବାରିପଦା,୧୪।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ମହାନ ଗଣପର୍ବ ବାଲିମେଳା ବଳାଙ୍ଗୀ ମହୋତ୍ସବ ଚଳିତ ଥର ୨୪ତମ ରାଜ୍ୟ ସ୍ତରୀୟ ବଳାଙ୍ଗୀ ମହୋତ୍ସବ ଏପ୍ରିଲ ୧୬ରୁ ୨୨ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ପାଳିତ ହେବ। ଏନେଇ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ବାବା ବୁଢାରାଉଳ ମଠରେ ମହୋତ୍ସବ କମିଟି ତରଫରୁ ବିଧିବଦ୍ଧ ସଂକ୍ରାନ୍ତି ପୂଜା ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଚୂଡାନ୍ତ ପ୍ରସ୍ତୁତି ବୈଠକରେ ସଭାପତି ଅଧକ୍ଷ ଅରବିନ୍ଦ ଦାସ, ଉପାଧ୍ ରାଜୀବ ଲୋଚନ ସେନାପତି, ବରିଷ୍ଠ ସଦସ୍ୟ ମନୋଜ କୁମାର କୁଅଁର, ଡ଼. ଶଶୀଧର ବିଶ୍ୱାଳ, ଭାଗବତ ପଣ୍ଡା, ଇନ୍ଦୁମତି ମହାନ୍ତି, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ବଳାଙ୍ଗୀ ସେନାର ଅଧକ୍ଷ କୁମରେଶ ନାୟକ, କୋଷାଧ୍ୟକ୍ଷ ଲିଙ୍ଗରାଜ ମିଶ୍ର, ସଦସ୍ୟ ପିତାମ୍ବର ମଲ୍ଲିକ, ନିରୋଜ ପୋଥାଳ, ପ୍ରାଧାପକ ସୁନୀଲ କୁମାର ନାୟକ, ସୋମନାଥ ସିଂହ, ମିଥୁନ ବାରିକ, ସନତ କୁମାର ବାରିକ, ଦିଲ୍ଲୀପ ପାତ୍ର, ଗୋଲୋକ ମହାନ୍ତି, ରଞ୍ଜିତ ପଲେଇ, ବିଜୁ ଜିତ, ରାଜ କିଶୋର ମହାନ୍ତ ପ୍ରମୁଖ ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ରହି ଚଳିତ ବର୍ଷ ମେଳା କିଭଳି ଶାନ୍ତି ଶୃଙ୍ଖଳାର ସହିତ ଆୟୋଜନ ହେବ ସେ ସମ୍ପର୍କରେ ମତାମତ ରଖିଥିଲେ। ଚଳିତ ବର୍ଷ ଜିଲାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସ୍ଥାନିତ କରାଯିବା ସହ ଜିଲା ତଥା ରାଜ୍ୟ ବାହାରୁ ମଧ୍ୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ମହୋତ୍ସବ ସ୍ଥଳରେ ମୟୂରଭଞ୍ଜ ଐତିହ୍ୟ ନେଇ ଏକ ସ୍ୱଟ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସିଦ୍ଧାନ୍ତ ନିଆଯାଇଛି ବୋଲି ପ୍ରତିଷ୍ଠାତା ସମ୍ପାଦକ ନାୟକ କହିଛନ୍ତି। ଜିଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଏବଂ ସମୃଦ୍ଧି ନିମନ୍ତେ ବାରିପଦାର ବାବା ବୁଢା ରାଉଳ ମଠ ନିକଟ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୁରଭଞ୍ଜ ଜିଲାର ମହାନ ଗଣପର୍ବ ମୟୁରଭଞ୍ଜ ବାଲି ମେଳା ବଳାଙ୍ଗୀ ମହୋତ୍ସବ ପାଳିତ ହୋଇଆସୁଛି।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ମହୋତ୍ସବ କମିଟିର ସଦସ୍ୟମାନେ।

